## ଓୟୁଟିଆର୍‌ରେ ‘ଫ୍ୟାକଲ୍ଟି ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ’

ଭୁବନେଶ୍ୱର, ୧୧।୧୨(ଅନୁରାଧା ମହାରଣା)- ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ(ଓୟୁଟିଆର)ର ସ୍କୁଲ ଅଫ୍ ଇନ୍‌ଫ୍ରାଷ୍ଟ୍ରକଚର୍ ଆଣ୍ଡ ପ୍ଲାନିଂ ବିଭାଗରେ ଏଆଇସିଟିଇ ଟ୍ରେନିଂ ଆଣ୍ଡ ଲର୍ନିଙ୍ଗ ଓ ଅଟଳ ଏକାଡେମୀ ଦ୍ୱାରା ‘ଫ୍ୟାକଲ୍ଟି ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ’ ଆରମ୍ଭ ହୋଇଛି। ୧୬ ତାରିଖଯାଏ ଏହି କାର୍ଯ୍ୟକ୍ରମ ଚାଲିବାକୁ ଥିବାବେଳେ ଜିଆଇଏସ୍ ଓ ରିମୋଟ୍ ସେନ୍‌ସିଂ ଦ୍ୱାରା କିଭଳି ଜଳ ସମ୍ବଳକୁ ନିୟନ୍ତ୍ରଣ କରି ବ୍ୟବହାର କରାଯାଇପାରିବ, ସେ ବିଷୟରେ ସବିଶେଷ ଆଲୋଚନା କରାଯିବ। କାର୍ଯ୍ୟକ୍ରମର ମୁଖ୍ୟ ସହାୟକ ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ, ପ୍ରଫେସର ଫାଲ୍‌ଗୁନୀ ବଳିୟାରସିଂ, ସଂଯୋଜକ ଭାବେ ପ୍ରଫେସର ଡ. ଦେବ ପ୍ରକାଶ ଶତପଥୀ ଏବଂ ସହସଂଯୋଜକ ଭାବେ ଡ. ସିପ୍ରାରାଣୀ ପ୍ରଧାନ ଯୋଗ ଦେଇଛନ୍ତି। ଭବିଷ୍ୟତରେ ପ୍ରଯୁକ୍ତିବିଦ୍ୟାର ଠିକ୍ ଉପଯୋଗିତାକୁ ଦୃଷ୍ଟିରେ ରଖି ଛାତ୍ରୀଛାତ୍ରଙ୍କ ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ସୂଚନା ଦିଆଯାଇଛି।

# ଅସ୍ଥାୟୀ ଡମ୍ପିଂୟାର୍ଡରେ ନିଆଁ

### ଧୂଆଁମୟ ହୋଇଗଲା ସାରା ଅଞ୍ଚଳ

### ଦିନରେ ଆବର୍ଜନା ପୋଡୁଛନ୍ତି ଲୋକେ, ଜାଣୁନି ବିଏମ୍‌ସି

ଭୁବନେଶ୍ୱର, ୧୧।୧୨ (ବନ୍ଦନା ସେଠୀ)

ଭୁବନେଶ୍ୱରକୁ ସ୍ୱଚ୍ଛ, ସୁନ୍ଦର ଓ ସବୁଜିମା ଭରା ସ୍ମାର୍ଟସିଟିରେ ପରିଣତ କରିବାକୁ ବିଏମ୍‌ସି ଗୁରୁତ୍ୱାରୋପ କରୁଛି। ଏଥିପାଇଁ ସହରର ପରିମଳ ଯାଞ୍ଚକୁ ବ୍ୟାପକ କରାଯିବା ସହ ସ୍ୱଚ୍ଛତା ଉପରେ ବିଶେଷ ଦୃଷ୍ଟି ଦିଆଯାଉଛି। ସେହିପରି ସହରବାସୀଙ୍କୁ ସ୍ୱଚ୍ଛ ବାୟୁ ପ୍ରଦାନ ନିମନ୍ତେ ପଦକ୍ଷେପ ନିଆଯାଉଥିବା କୁହାଯାଉଛି। ମାତ୍ର ଦିନ ଦ୍ୱିପ୍ରହରରେ ନନ୍ଦନ ବିହାର, ପଳାଶୁଣୀ ଛକ ସମେତ ସହରର ଏକାଧିକ ଅଞ୍ଚଳରେ ଆବର୍ଜନା ଗଦାରେ ନିଆଁ ଲଗାଇ ପୋଡା ଯାଉଥିବା ଦେଖିବାକୁ ମିଳିଛି। ଏଥିଯୋଗୁ ସହରର ପରିବେଶ ନଷ୍ଟ ହେଉଥିବାବେଳେ ବିଏମ୍‌ସିର କାର୍ଯ୍ୟଧାରାକୁ ନେଇ ନାନା ପ୍ରଶ୍ନ ଉଠୁଛି। ସୋମବାର ନନ୍ଦନ ବିହାର ନିକଟରେ ଥିବା ଏକ ଅସ୍ଥାୟୀ ଡମ୍ପିଂୟାର୍ଡରେ ନିଆଁ ଲାଗିଥିଲା। ଡମ୍ପିଂୟାର୍ଡରୁ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ଅଞ୍ଚଳବାସୀ ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ପରେ ୪ଟି ଅଗ୍ନିଶମ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ତେବେ ନିଆଁର ତୀବ୍ରତା ଏତେ ଅଧିକ ଥିଲା ଯେ ନିକଟସ୍ଥ ଆପାର୍ଟମେଣ୍ଟରେ ରହୁଥିବା ଶିଶୁ, ବରିଷ୍ଠ ନାଗରିକ ଏବଂ ସ୍ଥାନୀୟ ଅଞ୍ଚଳବାସୀ ନିଶ୍ୱାସ ପ୍ରଶ୍ୱାସ ନେବାରେ ସମସ୍ୟା ଭୋଗିଥିଲେ। ବିଏମ୍‌ସି ପକ୍ଷରୁ ଏଠାରେ ନିୟମିତ ଅଳିଆ ପକାଯାଉଛି। ଆଖପାଖରେ ଲୋକମାନେ ପରିବାର ସହ ରହୁଥିବାବେଳେ ନିଆଁ ରାତିରେ ଲାଗିଥିଲେ ସ୍ଥିତି କେତେ ଭୟାବହ ହୋଇଥାନ୍ତା ତାହା ଆଶଙ୍କା କରି ଭୟଭୀତ ହୋଇପଡ଼ିଥିଲେ। କେବଳ ଏହି ଗୋଟିଏ ସ୍ଥାନ ନୁହେଁ, ଗତ ୩ ତାରିଖରେ ୱାର୍ଡ ନଂ. ୫୮ ଅନ୍ତର୍ଗତ ଚିଲିପୋଖରୀ କଡ଼ରେ ଥିବା ଅସ୍ଥାୟୀ ଡମ୍ପିଂୟାର୍ଡରେ ମଧ୍ୟ ନିଆଁ ଲାଗି ଯାଇଥିଲା। ଏହାକୁ ଲିଭାଇବା ପାଇଁ ଅଗ୍ନିଶମ ବିଭାଗକୁ ନାକେଦମ୍ ହେବାକୁ ପଡ଼ିଥିଲା। ଏହା ଆଖପାଖରେ ଘର ସହିତ ଦୋକାନ ବଜାର ରହିଥିବାରୁ ବିପଦର ଆଶଙ୍କା ରହିଥିଲା। ବିଏମ୍‌ସି ମନଇଚ୍ଛା ଖୋଲା ଯାଗା ଦେଇ ଅଳିଆ ଗଦା କରୁଥିବାବେଳେ ବିଭିନ୍ନ କାରଣରୁ ସେଠାରେ ନିଆଁ ଲାଗି ଯାଉଛି। ଫଳରେ ଆଖପାଖ



ଲୋକେ ଭୟଭୀତ ହୋଇ ପଡୁଛନ୍ତି। କେବଳ ସେତିକି ନୁହେଁ, ଲୋକମାନେ ଯେଉଁଠି ଇଚ୍ଛା ସେଠାରେ ଆବର୍ଜନା ପକାଉଛନ୍ତି ଏବଂ ଜରିମାନା ଡରରେ ତାକୁ ପୋଡି ଦେଉଥିବା ଦେଖାଯାଉଛି। ସୋମବାର ମଧ୍ୟ ପଳାଶୁଣି ହାଟ ନିକଟରେ ଏପରି ଚିତ୍ର ଦେଖିବାକୁ ମିଳିଥିଲା। ଏଠାରେ ପ୍ରତ୍ୟେକ ଦିନ ବ୍ୟବସାୟୀଙ୍କ ପସରା ଜମୁଛି। ତେବେ ବ୍ୟବସାୟରୁ ବାହାରୁ ଥିବା ଅଧିକାଂଶ ବର୍ଜ୍ୟ କେନାଲ ଭିତରକୁ ଯାଉଛି। ଏହା କେନାଲକୁ ପୋତିବା ସହ ସଙ୍କୁଚିତ କରାଉଛି। କେନାଲର ତଳ ଭାଗ ଏବେ ପ୍ଲାଷ୍ଟିକ ବର୍ଜ୍ୟର ପୋଡା ସାମଗ୍ରୀରେ ଭର୍ତ୍ତି ହୋଇଛି। ୱାର୍ଡରେ କାର୍ଯ୍ୟରତ ସାନିଟାରୀ ଇନ୍ସପେକ୍ଟର ହୁଅନ୍ତୁ କି ଅନ୍ୟ ପରିମଳ କର୍ମୀ କାହାରି ଦୃଷ୍ଟି ଏଥିରେ ପଡୁନାହିଁ। ଅପରପକ୍ଷେ ବିଏମସି ଦ୍ୱାରା ପରିମଳ ନିୟମ ଲାଗୁ କରାଯିବା ସହ ଏହାର ଯାଞ୍ଚ କରିବାକୁ ସବୁ ଜୋନରେ ଏନଫୋର୍ସମେଣ୍ଟ ଟିମ ଗଠନ ହୋଇଛି। ଏଥିରେ ସ୍ୱଚ୍ଛତା କର୍ମୀ, ସୁପରଭାଇଜର, ଜେସିଓ, ସାନିଟାରି ଇନ୍ସପେକ୍ଟରଙ୍କ ସମେତ ଅନ୍ୟ ପରିମଳ କର୍ମୀଙ୍କୁ ନିୟୋଜିତ କରାଯାଇଥିଲା। ମାତ୍ର ସମୟକ୍ରମେ ଏନ୍‌ଫୋର୍ସମେଣ୍ଟ ଟିମ୍‌ର କାର୍ଯ୍ୟକାରିତା ଏକ ପ୍ରକାର ଠପ୍ ହୋଇଯାଇଛି।

## ୨ ଆତ୍ମଜୀବନୀ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, ୧୧।୧୨ (ବନ୍ଦନା ସେଠୀ)

ଭାଷାବିଜ୍ଞାନୀ ତଥା ସାହିତ୍ୟ ସମାଲୋଚକ ପ୍ରଫେସର ଗଗନେନ୍ଦ୍ର ନାଥ ଦାଶଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ୨ଟି ଆତ୍ମଜୀବନୀ ପୁସ୍ତକ ‘ଶିକ୍ଷାଜୀବୀର କଥା’ ଏବଂ ‘ପିଲାଦିନର କଥା’ ଉନ୍ମୋଚିତ ହୋଇଯାଇଛି। ଏଥିସହ ଆଉ ଦୁଇ ପୁସ୍ତକ ‘ଗଗନେନ୍ଦ୍ର ଗାଠା’ ଏବଂ ‘ସ୍ମୃତିରେ ଗଗନେନ୍ଦ୍ର’କୁ ଅତିଥିମାନେ ଉନ୍ମୋଚନ କରିଥିଲେ। କିଟ୍ ମାଉସୀମା ମନ୍ଦିର ପରିସରରେ ପ୍ରଫେସର ଯତୀନ୍ଦ୍ର କୁମାର ନାୟକଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡ. ଶୈଳେଶ୍ୱର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଡ. କୈଳାସ ଚନ୍ଦ୍ର ଦାଶ, ସମ୍ମାନିତ ଅତିଥି ଭାବେ ବୈଷ୍ଣବ ଚରଣ ମହାନ୍ତି ଓ ଅସିତ ମହାନ୍ତି ଯୋଗଦେଇ, ସ୍ୱର୍ଗତ ଦାଶଙ୍କୁ ଜଣେ ସତ୍ୟନିଷ୍ଠ ଓ ନିଷ୍ଠାପର ଭାଷା, ସାହିତ୍ୟ ସମୀକ୍ଷକ ଭାବେ ବର୍ଣ୍ଣନା କରିବା ସହ ତାଙ୍କ ଜୀବନାଦର୍ଶର ସ୍ମୃତିଚାରଣ କରିଥିଲେ।



ପ୍ରଫେସର ଗଗନେନ୍ଦ୍ର ନାଥ ଦାଶଙ୍କ ଆତ୍ମଜୀବନୀ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।



ହାଇଦ୍ରାବାଦଠାରେ ଅବସ୍ଥାପିତ ଯୁକ୍ତରାଷ୍ଟ୍ର ଆମେରିକାର କନ୍‌ସୁଲେଟ୍ ଜେନେରାଲ ଜେନିଫର ଲାରସନ ସୋମବାର ରାଜଭବନଠାରେ ରାଜ୍ୟପାଳ ରଘୁବର ଦାସଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରୁଛନ୍ତି।

## ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବାର୍ଷିକୋତ୍ସବ

ଭୁବନେଶ୍ୱର, ୧୧।୧୨ (ବନ୍ଦନା ସେଠୀ)

ପଟିଆଗଡ଼ସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପଞ୍ଚଦଶ ବାର୍ଷିକ ଉତ୍ସବ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଉପକ୍ଷେତ୍ରର ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଲିନା ଯୋଗଦେଇ ଆଧ୍ୟାତ୍ମିକ ପ୍ରେରଣା ଓ ଆଶୀର୍ବଚନ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ ରାଉତ, ସମ୍ମାନିତ ଅତିଥି ଭାବେ ସଂଜୟ ଜେନା, ସାମାଜିକ କର୍ମୀ ଶୁଭଶ୍ରୀ ଦାସ ଏବଂ ଓଡିଶାର ପ୍ରଥମ ଦିବ୍ୟାଙ୍ଗ ଓଏଏସ୍ ସନ୍ୟାସୀ ବେହେରା ଯୋଗଦେଇଥିଲେ। ଅତିଥିମାନଙ୍କୁ ବ୍ରହ୍ମାକୁମାରୀମାନେ ଗୋଲାପ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିବା ସହ ଈଶରୀୟ ଉପହାର ପ୍ରଦାନ କରିଥିଲେ। ଉତ୍ସବରେ ବରିଷ୍ଠ ରାଜଯୋଗିନୀ ବ୍ରହ୍ମାକୁମାରୀ ଦୁର୍ଗେଶ ନନ୍ଦିନୀ, ବ୍ରହ୍ମାକୁମାରୀ କଳ୍ପନା ଉପସ୍ଥିତ ଥିବାବେଳେ କାର୍ଯ୍ୟକ୍ରମକୁ ବ୍ରହ୍ମାକୁମାରୀ ସ୍ୱପ୍ନା ପରିଚାଳନା କରିଥିଲେ।



ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବରେ ବିଧାୟକ ସୁଶାନ୍ତ ରାଉତ ଓ ଅନ୍ୟ ଅତିଥିମାନେ।

## ‘ଥିଲେ ଦିଅ, ନ ଥିଲେ ନିଅ’ କାର୍ଯ୍ୟକ୍ରମର ଶୁଭାରମ୍ଭ




କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ଅତିଥିଙ୍କ ସହ ଉଡ୍ର ଚାରିଟେବୁଲ ଟ୍ରଷ୍ଟର ପରାମର୍ଶଦାତା ଆକାଶ ଦାସନାୟକ ଓ ଅନ୍ୟମାନେ।

ଭୁବନେଶ୍ୱର, ୧୧।୧୨ (ବନ୍ଦନା ସେଠୀ)

ଯେଉଁମାନଙ୍କର ପିନ୍ଧିବାକୁ ବସ୍ତ୍ର ଖଣ୍ଡେ ନାହିଁ, ସେମାନଙ୍କ ପାଖରେ ଖଣ୍ଡେ ବସ୍ତ୍ର ପହଞ୍ଚାଇ ତାଙ୍କ ମୁହଁରେ ହସ ଫୁଟାଇବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଛି ‘ଥିଲେ ଦିଅ, ନ ଥିଲେ ନିଅ’ ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ଉଡ୍ର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ନିଆରା ପ୍ରୟାସ ସୋମବାର ବାପୁଜୀନଗରସ୍ଥିତ ପ୍ୟାରିସ ବେକରୀ ଆଉଟ୍‌ଲେଟ୍ ସମେତ ରାଜ୍ୟ ତଥା ବାହାରେ ମଧ୍ୟ ଶୁଭାରମ୍ଭ ହୋଇଛି। କିଛିବର୍ଷ ହେବ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପୁରୁଣା ଓ ନୂତନ ବସ୍ତ୍ର ସଂଗ୍ରହ କରାଯାଇ ଗରିବ ଲୋକଙ୍କ ମଧ୍ୟରେ ବଣ୍ଟନ କରାଯାଉଛି। ତେବେ ଲୋକଙ୍କ ବହୁଳ ସମର୍ଥନ ଦେଖି ଏହି କାର୍ଯ୍ୟକ୍ରମକୁ ବର୍ଷସାରା ଚଳାଇବା ପାଇଁ ‘ଉଡ୍ର’ ପରିବାର ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ଟ୍ରଷ୍ଟର ପରାମର୍ଶଦାତା ଆକାଶ ଦାସନାୟକ ସୂଚନା ଦେଇଛନ୍ତି। ଏହି କ୍ରମରେ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ପୁରୀ, ପାରାଦୀପ, ବାଲେଶ୍ୱର, ଭଦ୍ରକ, ଯାଜପୁରରୋଡ ସମେତ ରାଜ୍ୟ ବାହାରେ ମୁମ୍ବାଇ, କୋଲକାତା, ପୁଣେ, ହାଇଦ୍ରାବାଦଠାରେ ‘ଉଡ୍ର’ ପରିବାରର ସଦସ୍ୟଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଯେଉଁମାନଙ୍କ ପାଖରେ ବଳକା ବସ୍ତ୍ର ଅଛି ସେମାନେ ଏହି ଅଭିଯାନରେ ନିଜର ବସ୍ତ୍ର ଦେଇପାରିବେ ବୋଲି ଆକାଶ କହିଛନ୍ତି। ‘ଥିଲେ ଦିଅ, ନ ଥିଲେ ନିଅ’ ଆନ୍ଦୋଳନର ପ୍ରବର୍ତ୍ତକ ସାହିତ୍ୟିକ, ସମାଜସେବୀ ତଥା ଶ୍ରମିକନେତା ମାୟାଧର ନାୟକଙ୍କ ଶୀତ ଅଭିଯାନରେ ଅନୁପ୍ରାଣିତ ହୋଇ ‘ଉଡ୍ର’ ଚାରିଟେବୁଲ ଟ୍ରଷ୍ଟ ତରଫରୁ ଏହି ଅଭିଯାନ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଡ. ସୂର୍ଯ୍ୟପ୍ରକାଶ ଏସ୍. ଚୌଧୁରୀ, ପବନ ଅଗ୍ରୱାଲ, ଡ. ଅମିତ୍ ପାଟଯୋଶୀ, ଅଭିନେତ୍ରୀ ସୂର୍ଯ୍ୟମୟୀ ଉପସ୍ଥିତ ଥିବାବେଳେ ଟ୍ରଷ୍ଟର ସମ୍ପାଦିକା ଶୁଭ୍ରାଜ୍ୟୋତି ଦାସନାୟକ, ଶୁଭଶ୍ରୀ ମଙ୍ଗରାଜ, ବୈଷ୍ଣବ ଚରଣ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ।

# ଆବର୍ଜନା ଦୁର୍ଗନ୍ଧକୁ ନେଇ ତେଜୁଛି ଜନଆନ୍ଦୋଳନ

- ଏନ୍‌ଜିଟିର ଦ୍ୱାରସ୍ଥ ହେବାକୁ ସଜବାଜ
- ଆଜି ବିକ୍ଷୋଭ କରିବ ସିପିଆଇ

ଭୁବନେଶ୍ୱର, ୧୧।୧୨ (ବନ୍ଦନା ସେଠୀ)

ସୈନିକ ସ୍କୁଲ ନିକଟ ଅସ୍ଥାୟୀ ଡମ୍ପିଂୟାର୍ଡ (ଟିଟିଏସ୍)ରୁ ବାହାରୁଥିବା ଆବର୍ଜନା ଦୁର୍ଗନ୍ଧକୁ ନେଇ ଉତ୍ତର ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀର ଅଧିକାଂଶ ଲୋକ ପ୍ରଭାବିତ ହେଉଛନ୍ତି। ଅଳିଆର ପଚା ଦୁର୍ଗନ୍ଧରେ ସହରବାସୀ ଅଣନିଃଶ୍ୱାସୀ ହେଉଥିବାବେଳେ ଏବେ ଜନଆନ୍ଦୋଳନ ତେଜିବାରେ ଲାଗିଛି। ଏଥିସହ ଏହି ଘଟଣା ରାଜନୈତିକ ରୂପ ନେଉଥିବାରୁ ଆଗକୁ ବଡ଼ ଆନ୍ଦୋଳନର ଆଶଙ୍କା ଦେଖାଦେଇଛି। ଟିଟିଏସ୍ ଉଚ୍ଛେଦ ଦାବିରେ ଜିଲା ଭାଜପା ପକ୍ଷରୁ ନଭେମ୍ବର ୨୮ରୁ ସତ୍ୟାଗ୍ରହ ଆରମ୍ଭ ହେବା ସହ ମଙ୍ଗଳବାର ୧୫ଦିନରେ ପହଞ୍ଚିଛି। ପ୍ରତିଦିନ ସତ୍ୟାଗ୍ରହକୁ ସମର୍ଥନ କରି ଭାଜପାର ବରିଷ୍ଠ ନେତା, ସାହିତ୍ୟିକ, ଜନସାଧାରଣ, ବୁଦ୍ଧିଜୀବି ଏଥିରେ ସାମିଲ ହେଉଥିବାବେଳେ ଟିଟିଏସ୍ ପରିଦର୍ଶନ କରୁଛନ୍ତି। ଅପରପକ୍ଷେ ଟିଟିଏସ୍‌କୁ ସମ୍ପୂର୍ଣ୍ଣ ହଟାଇବା ଦାବିରେ ମଙ୍ଗଳବାର ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ଭୁବନେଶ୍ୱର ଜୋନ୍ ପକ୍ଷରୁ ବିକ୍ଷୋଭ ଡକାଯାଇଛି। ଏବେ ଆଉ ଦାବି ପୂରଣ ପାଇଁ ଅନୁରୋଧ କରାଯିବ ନାହିଁ, ବରଂ ନିଜର ଅଧିକାରକୁ ଛଡାଇ ନେବାର ସମୟ ଆସିଛି ବୋଲି ସିପିଆଇ ପକ୍ଷରୁ କୁହାଯାଇଛି। କେବଳ ସେତିକି ନୁହେଁ, ଆବର୍ଜନାରୁ ଜାତ ହେଉଥିବା ଅସହ୍ୟ ଦୁର୍ଗନ୍ଧ ପାଇଁ ସହରବାସୀଙ୍କ ମାନବାଧିକାର କ୍ଷୁର୍ଣ୍ଣ ହେଉଥିବାରୁ ଏନେଇ ଆଞ୍ଚଳିକ ସୁରକ୍ଷା ମଞ୍ଚ ପକ୍ଷରୁ ଜୁଲାଇ ୩୧ରେ ଓଡ଼ିଶା ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିବାବେଳେ, ଆଞ୍ଚଳିକ ସମନ୍ୱୟ ସମିତି ପକ୍ଷରୁ ଅଗଷ୍ଟ ୧୦ରେ କମିଶନଙ୍କ ନିକଟରେ ଆବେଦନ କରାଯାଇଥିଲା। ଅଭିଯୋଗର ଗମ୍ଭୀରତାକୁ ଦେଖି କମିଶନଙ୍କ ପକ୍ଷରୁ ବିଏମ୍‌ସି କମିଶନରଙ୍କୁ ୨ଟି ନୋଟିସ୍ ଜାରି କରାଯାଇଛି। ସେଥି ମଧ୍ୟରୁ ଗୋଟିଏରେ ଡିସେମ୍ବର ୧ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ରହିଥିବାବେଳେ ଆଉ ଗୋଟିଏ ନୋଟିସ୍‌ରେ ୧୧ ସୁଦ୍ଧା ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ମାନବାଧିକାର କମିଶନର ଦ୍ୱାରସ୍ଥ ହେବା ପରେ ଯେଉଁ ଅନୁପାତରେ ଫଳ ମିଳିବା କଥା ତାହା ହେଉନାହିଁ। ତେଣୁ ଏବେ ଭାଜପା ସମେତ ଆଞ୍ଚଳିକ ସଂଗଠନ ଗୁଡିକ ନ୍ୟାଶ୍‌ନାଲ୍ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ର ଦ୍ୱାରସ୍ଥ ହେବା ନେଇ ସଜବାଜ ହେଉଛନ୍ତି। ହୁଏତ ଏନଜିଟି ଛାଟ ବାଜିବା ପରେ ବିଏମ୍‌ସିର ବୁଦ୍ଧି ଉଦୟ ହେବ ବୋଲି ଅଞ୍ଚଳବାସୀ ମତ ଦେଇଛନ୍ତି। ଅପରପକ୍ଷେ ଘଟଣା ନେଇ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କୁ ପଚରାଯିବାରୁ ସେ ମାନବାଧିକାର କମିଶନଙ୍କ ନୋଟିସ୍ କଥାକୁ ଅଣଦେଖା କରି ଦେଇଥିଲେ। ଏଥିସହ ଜାନୁୟାରୀ ୧ସୁଦ୍ଧା ଟିଟିଏସ୍ ଆବର୍ଜନା ବା ଦୁର୍ଗନ୍ଧ ନେଇ କୌଣସି ସମସ୍ୟା ରହିବ ନାହିଁ ବୋଲି କହିଥିଲେ। ବୈଜ୍ଞାନିକ ପ୍ରଣାଳୀରେ ଆବର୍ଜନା ପ୍ରକ୍ରିୟାକରଣ କରାଯାଉଥିବାରୁ କେବେକେବେ ଦୁର୍ଗନ୍ଧ ହେଉଛି। ମାତ୍ର ଖୁବ୍‌ଶୀଘ୍ର ଏ ସବୁର ସମାଧାନ ହୋଇଯିବ ବୋଲି ସେ କହିଥିଲେ।





ଭଞ୍ଜକଳା ମଣ୍ଡପରେ ସୋମବାର ଅନୁଷ୍ଠିତ ସାଇ କିଡ୍‌ସର ବାର୍ଷିକ ଉତ୍ସବରେ କୁନି ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ସବୁ ସବ୍‌ଡିଭିଜନ ଆଗରେ ବିକ୍ଷୋଭ କଲା ଭାଜପା

### ଆଇଟି ରେଡ୍ ଦ୍ୱାରା ୩୦୦ କୋଟିରୁ ଅଧିକ ଟଙ୍କା ଜବତ ଘଟଣା

ଭୁବନେଶ୍ୱର, ୧୧।୧୨(ସୁନୀତ୍ ମିଶ୍ର):

ମଦ ଦୁର୍ନୀତି ଓ ଗଚ୍ଛିତ କଳାଟଙ୍କା ବିରୋଧରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଆହ୍ୱାନରେ ରାଜ୍ୟର ସମସ୍ତ ସବ୍‌ଡିଭିଜନ ଆଗରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ୩ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜବତ ଘଟଣାରେ ସମ୍ପୃକ୍ତି ଥିବା ଦର୍ଶାଇ ରାଜ୍ୟ ସରକାର ଓ କଂଗ୍ରେସ ଏମ୍‌ପି ଧୀରଜ ସାହୁଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ରାଜ୍ୟର ଖଣି ଓ ଚିଟ୍‌ଫଣ୍ଡ ଟଙ୍କାକୁ ଅଣଓଡ଼ିଆ ବ୍ୟବସାୟୀମାନେ ଲୁଟ୍ କରୁଥିଲେ। ଏବେ ଅଣଓଡ଼ିଆ ମଦ ବେପାରୀମାନେ ରାଜ୍ୟକୁ ଲୁଟ୍ କରୁଛନ୍ତି। ଦେଶର ସର୍ବବୃହତ କଳାଟଙ୍କା ଜବତ ଘଟଣାରେ ସ୍ୱଚ୍ଛତାର ଡିଣ୍ଡିମ ପିଟୁଥିବା ରାଜ୍ୟ ସରକାରଙ୍କ ନୀରବତା ଦୁର୍ଭାଗ୍ୟର ବିଷୟ। ବିନା ଅକ୍ସନରେ ‘ସାହୁ ବ୍ରଦର୍ସ ଆଣ୍ଡ କୋ’ଙ୍କୁ ୨୩ବର୍ଷ ହେଲା ବିଜେଡି ମଦ ବେପାର ଦେଇଛି। ବିଜେଡି ନେତାଙ୍କ ସହ ମଦ ବ୍ୟବସାୟୀଙ୍କ କ’ଣ ସମ୍ପର୍କ ରହିଛି, ତାହା ବିଜେଡରି ନିର୍ବାଚନୀ ଅର୍ଥ କି ବୋଲି ଭାଜପା ପ୍ରଶ୍ନ କରିଛି।



## ସଂକ୍ଷେପରେ

### କାର୍ ଧକ୍କାରେ ବାଇକ୍ ଚାଳକ ମୃତ

ବୋଲଗଡ଼,୧୧।୧୨(ଦେବବ୍ରତ ହୋତା)

ବଲାଙ୍ଗୀର-ଖୋର୍ଦ୍ଧା ୫୭ ନମ୍ବର ଜାତୀୟ ରାଜପଥର ବୋଲଗଡ଼-ବୁଢ଼ା ମଧ୍ୟରେ ରବିବାର ରାତିରେ ଏକ କାର ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୟାଗଡ଼ ଜିଲା ଇଟାମାଟି ଥାନା ଅଧୀନ ବଡ଼ପଣ୍ଡୁସର ଗ୍ରାମର ଧିରେନ୍ଦ୍ର ବେହେରା। ପୋଲିସ ସୂଚନା ମୁତାବକ, ଧୀରେନ୍ଦ୍ର ବାଇକ୍‌ରେ ରାଜସୁନାଖଳା ପଟୁ ନୟାଗଡ଼ ଅଭିମୁଖେ ଗ୍ରାମକୁ ଫେରୁଥିବା ବେଳେ ବୋଲଗଡ଼ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ କାର୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ଧୀରେନ୍ଦ୍ରଙ୍କୁ ଉଦ୍ଧାର କରି ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଦୁର୍ଘଟଣାଗ୍ରସ୍ତ ବାଇକ୍ ଏବଂ କାରକୁ ଜବତ କରି ତଦନ୍ତ ଚଳାଇଛି।

### ଅବକାରୀ ଚଢ଼ାଉ, ୩ ଗିରଫ

ଟାଙ୍ଗୀ,୧୧।୧୨(ରଘୁନାଥ ସାହୁ)

ଟାଙ୍ଗୀ ଅବକାରୀ ଥାନା ଅଞ୍ଚଳରେ ଚୋରାମଦ କାରବାର ବଢ଼ିଚାଲିଛି। ଅବକାରୀ ପୋଲିସ ପକ୍ଷରୁ ବାରମ୍ବାର ଚଢ଼ାଉ ହେଉଥିଲେ ହେଁ ଏହି କାରବାର ଥମୁନାହିଁ। ସୋମବାର ଅବକାରୀ ପୋଲିସ ବରିକୋ ବଧିସାହିରେ ଚଢ଼ାଉ କରି ଅନିଲ କୁମାର ସାହୁଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ୭ ଲିଟର ଆସ୍କାଫର୍ଟି ମଦ ଜବତ ହୋଇଛି। ସେହିପରି ପାରିଓରଡ଼ ଗ୍ରାମରେ ଚଢ଼ାଉ କରି ଅବକାରୀ ପୋଲିସ ଅକ୍ଷୟ କୁମାର ପ୍ରଧାନଙ୍କୁ ଗିରଫ କରିବା ସହ ୫ ଲିଟର ଆସ୍କାଫର୍ଟି ଜବତ କରିଛି। ଭଜାଗଡ଼ ଗ୍ରାମରେ ଚଢ଼ାଉ କରି ବିନୋଦ ବଳିୟାରସିଂହଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୭ ଲିଟର ଆସ୍କାଫର୍ଟି ମଦ ଜବତ କରିଛି ଅବକାରୀ ପୋଲିସ। ଏହି ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ନାରାୟଣ ଜେନା, ସହକାରୀ ଇନ୍ସପେକ୍ଟର ସୁନିତା ଦଳେଇ, ଏଏସ୍‌ଆଇ ବିଶ୍ୱମ୍ବର ଦଳାଇ ପ୍ରମୁଖ ସାମିଲ ଥିଲେ।

### ଅସହାୟଙ୍କୁ ସହାୟତା

ଜଟଣୀ,୧୧।୧୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ୫ ନମ୍ବର ୱାର୍ଡର ଅସହାୟ ବ୍ୟକ୍ତିଙ୍କୁ କମ୍ବଳ ଓ ଚାଉଳ ବଣ୍ଟନ କରାଯାଇଛି। ଜଟଣୀ ବିକାଶ ପରିଷଦ ଓ ବ୍ୟବସାୟୀ ମହାସଂଘ ସହାୟତାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ୱାର୍ଡର ପ୍ରାୟ ୩ଶହ ଗରିବ ଲୋକଙ୍କୁ କାଉନ୍‌ସିଲର କାଜଲ ଦାଶଙ୍କ ନେତୃତ୍ୱରେ ବିକାଶ ପରିଷଦର ସଭାପତି ବିଜୁ ଛୋଟରାୟ ଓ ସମ୍ପାଦକ ସୁଦର୍ଶନ ସୁନ୍ଦରାୟ ଉପସ୍ଥିତ ରହି ବଣ୍ଟନ କରିଥିଲେ। ସମାଜସେବୀ ମଧୁସୂଦନ ଅଗ୍ରୱାଲ, ସୁଶାନ୍ତ ରାଉତ, ରାଜୁ ପଟ୍ଟନାୟକ, ଏନ୍. ସୀତା, ମନୋଜ ସ୍ୱାଇଁ,ଏନ୍. ଜଗନ୍ନାଥ, ସୁରେଶ ବାରିକ, ଆଦିତ୍ୟ ମହାରଥୀ, କରିମ୍ ଖାନ୍ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଆନ୍ଦୋଳନକୁ ପୁଣି ଓହ୍ଲାଇବ ବିକାଶ ମଞ୍ଚ

## ବେଗୁନିଆକୁ ଏନ୍‌ଏସି ମାନ୍ୟତା ଘଟଣା

ବେଗୁନିଆ,୧୧।୧୨(ହରପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲାର ବେଗୁନିଆକୁ ଦୀର୍ଘ ୩୦ ବର୍ଷ ହେବ ଏନ୍‌ଏସି ମାନ୍ୟତା ଦେବା ନେଇ ଦାବିହୋଇ ଆସୁଅଛି। ଏଥିସହ ମୋ ବସ୍ ସେବା, ଏସ୍‌ଡିପିଓ ଏବଂ ସବ୍‌ଟ୍ରେଜେରି କାର୍ଯ୍ୟାଳୟ ଖୋଲିବାକୁ ମଧ୍ୟ ବିଭିନ୍ନ ଅନୁଷ୍ଠାନ, ଆଇନଜୀବୀ ଓ ଜନସାଧାରଣଙ୍କ ପକ୍ଷରୁ ହେଉଥିବା ଦାବିକୁ ରାଜ୍ୟ ସରକାର ଉପେକ୍ଷା କରୁଥିବାରୁ ଅଞ୍ଚଳବାସୀଙ୍କ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ବେଗୁନିଆ ବିକାଶ ମଞ୍ଚ ପୁଣି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଏନେଇ ରାଜ୍ୟ ସରକାରଙ୍କ ନିକଟକୁ ବିକାଶ ମଞ୍ଚ ପକ୍ଷରୁ ଚିଠି କରାଯାଇଛି।

ସୂଚନାଥାଉ କି, ବେଗୁନିଆ ପଞ୍ଚାୟତ ପକ୍ଷରୁ ଏନ୍‌ଏସି ପ୍ରସ୍ତାବିତ ଏକ ଚିଠି (ନଂ.୨୧/୧୬.୨.୨୦୧୫) ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ଭୌଗୋଳିକ ସ୍ଥିତି, ବର୍ଦ୍ଧିତ ଜନସଂଖ୍ୟା ଓ ଆବଶ୍ୟକତା ଦୃଷ୍ଟିରୁ ଏହି ଦାବିର ଗୁରୁତ୍ୱ ରହିଛି। ବେଗୁନିଆ ସଦର ମହକୁମାରେ ବ୍ଲକ, ମୁଖ୍ୟ ଡାକଘର, ତହସିଲ, ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟ, ଅଗ୍ନିଶମ କେନ୍ଦ୍ର, ଥାନା, ଟେଲିଫୋନ ଭବନ, କୃଷି କାର୍ଯ୍ୟାଳୟ, ସରକାରୀ ଡାକ୍ତରଖାନା, ରେଲ୍‌ୱେ ଷ୍ଟେସନ, ପ୍ରାଣୀ ସହାୟକ କେନ୍ଦ୍ର ସହିତ ପରିବା ହାଟ ଓ ବଡ଼ବଜାର ରହିଛି। ୮୦ ପ୍ରତିଶତ ଜନସାଧାରଣ ସରକାରୀ ଚାକିରି ଓ ବ୍ୟବସାୟ କରିଛନ୍ତି। ଏଠାକୁ ବେଗୁନିଆ ବ୍ଲକର ୨୧ ଓ ବୋଲଗଡ଼ ବ୍ଲକର ୭ଟି ପଞ୍ଚାୟତର ଜନସାଧାରଣ ଦୈନିକ ବିଭିନ୍ନ କାର୍ଯ୍ୟ ନେଇ ଆସିଥା'ନ୍ତି। ବେଗୁନିଆ ପଞ୍ଚାୟତର ଜନସଂଖ୍ୟା ବୃଦ୍ଧି ପାଇବାରୁ ୧୯୯୨ରେ ୧୫ ହଜାରରୁ ଅଧିକ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଭାଗ କରାଯାଇ ନୂତନ ଭାବେ ରାଧାକାନ୍ତପୁର ପଞ୍ଚାୟତ ଗଠନ କରାଯାଇଥିଲା। ହେଲେ ବର୍ତ୍ତମାନ ବେଗୁନିଆର ଜନସଂଖ୍ୟା ପ୍ରାୟ ୨୫ ହଜାରରୁ ଊର୍ଦ୍ଧ୍ୱ ହେବ। ଏହି ପଞ୍ଚାୟତର ବାର୍ଷିକ ରାଜସ୍ୱ ଆଦାୟ ପ୍ରାୟ ୩୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାରେ ପହଞ୍ଚିଛି। ଏ ସମସ୍ତ ମାନଦଣ୍ଡକୁ ଭିତ୍ତିକରି ବେଗୁନିଆକୁ ଏନ୍‌ଏସି ଘୋଷଣା କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ତୁରନ୍ତ ଗୁରୁତ୍ୱ ଦିଆଯାଉ ବୋଲି ବିକାଶ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଏନେଇ ଆଇନଜୀବୀ ସୁଶାନ୍ତ କୁମାର ରାୟ କୁହନ୍ତି, ୩୦ ବର୍ଷ ହେବ ବେଗୁନିଆବାସୀଙ୍କ ପକ୍ଷରୁ ବାରମ୍ବାର ଦାବି କରାଯାଉଛି। ପୂର୍ବତନ ନଗର ଉନ୍ନୟନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଦାବିପତ୍ର ପ୍ରଦାନ କରାଯାଇଥିଲା। ଗତ ୫ ମାସ ପୂର୍ବେ ପୂର୍ବତନ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ଅବଗତ କରାଇଥିଲୁ। ହେଲେ କୌଣସି ସୁଫଳ ମିଳିଲାନାହିଁ। ସେହିପରି ବିକାଶ ମଞ୍ଚର ଆବାହକ ଶିବ ମୁନି କହିଛନ୍ତି, ସମସ୍ତ ଯୋଗ୍ୟତା ଥାଇ ବେଗୁନିଆକୁ ଏନ୍‌ଏସି ଘୋଷଣା ନ କରିବା ନିନ୍ଦନୀୟ। ତଥାପି ଆମର ଆଶା ଥିଲା ମୁଖ୍ୟମନ୍ତ୍ରୀ ବେଗୁନିଆକୁ ଏନ୍‌ଏସି ଘୋଷଣା କରିବେ। ହେଲେ ତାହା ପୂରଣ ନ ହେବାରୁ ଅଞ୍ଚଳବାସୀଙ୍କୁ ବ୍ୟଥିତ କରିଛି। ଖୁବ୍‌ଶୀଘ୍ର ଦିନ ଧାର୍ଯ୍ୟ କରାଯାଇ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

# ଭାରତୀୟ ଭାଷା ଦିବସ ପାଳିତ



କାର୍ଯ୍ୟକ୍ରମରେ ପ୍ରଫେସର ଗୋପାଳକୃଷ୍ଣ ଦାସ ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୧୧।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ ସୋମବାର ଭାରତୀୟ ଭାଷା ଦିବସ ପାଳିତ ହୋଇଯାଇଛି। ଉପାଧ୍ୟକ୍ଷା ଡ. ବିନୋଦିନୀ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମାନରେ ବିଭାଗୀୟ ମୁଖ୍ୟ ଡ.ସୁନିତା ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ପ୍ରଫେସର ଗୋପାଳକୃଷ୍ଣ ଦାସ ଗ୍ରୀକ୍, ରୋମାନ୍ ଓ ଇଂରାଜୀ ଆଦି ପାଶ୍ଚାତ୍ୟ ସାହିତ୍ୟ ସହ ଭାରତୀୟ ଭାଷା ଓ ସାହିତ୍ୟର ଉତ୍କର୍ଷ ସମ୍ପର୍କରେ ତୁଳନାତ୍ମକ ଆଲୋଚନା କରିଥିଲେ। ଡ.ଅରବିନ୍ଦ ପ୍ରଧାନ, ଅଧ୍ୟାପକ ଭଗବାନ ଖିଲାର ଭାରତୀୟ ଭାଷା ଓ ଲିପିର ଉତ୍ପତ୍ତି ଓ କ୍ରମବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ସୁଶ୍ରୀ କଳ୍ପନା ମଲିକ, ଇଂରାଜୀ ଅଧ୍ୟାପିକା ଜୟନ୍ତୀ ସିଂହ, ସଂସ୍କୃତ ଅଧ୍ୟାପିକା ଡ.ରଶ୍ମି କର, ଡ.ବନଜ୍ୟୋସ୍ନା ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଆୟୋଜିତ ହୋଇଥିବା ବକ୍ତୃତା ଓ କବିତା ରଚନା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଉପାଧ୍ୟକ୍ଷା ମିଶ୍ର ପୁରସ୍କୃତ କରିଥିଲେ। ଶେଷରେ ଅଧ୍ୟାପକ ଭଗବାନ ଖିଲାର ସଙ୍ଗୀତ ପରିବେଷଣ କରିଥିଲେ।

# ବିଜେଡି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ


ପ୍ରଶିକ୍ଷଣ ଶିବିରରେ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ବିଜେଡି ନେତା ଓ କର୍ମୀମାନେ।

ବେଗୁନିଆ,୧୧।୧୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ମହକୁମା ସ୍ଥିତ ବିଜୁ ପଟ୍ଟନାୟକ ଟାଉନ ହଲ୍ ପରିସରରେ ତିନିଦିନ ଧରି ଚାଲିଥିବା ବିଜେଡିର ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ପର୍ଯ୍ୟବେକ୍ଷକ ଶ୍ରୀମୟୀ ମିଶ୍ର ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଜୁ ଛାତ୍ର ଜନତା ଦଳର ମହାସଚିବ ଇପ୍ସିତା ସାହୁ, ମୁଖପାତ୍ର ମଧୁସ୍ମିତା ନାୟକ ପ୍ରଶିକ୍ଷକ ଭାବେ ଯୋଗଦେଇ ତୃଣମୂଳସ୍ତରରୁ ଦଳୀୟ ସଙ୍ଗଠନକୁ ସଶକ୍ତ କରିବା ସହ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ଜରୁରୀ ବୋଲି ଉଦ୍‌ବୋଧନ ଦେଇଥିଲେ। ବେଗୁନିଆ ନିର୍ବାଚନମଣ୍ଡଳୀର ୨୩ ଓ ୨୭ନଂ. ଜୋନର ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, ପର୍ଯ୍ୟବେକ୍ଷକ ଶୁଭ୍ରାଂଶୁ ରଞ୍ଜନ ମିଶ୍ର, ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ମିଟୁ ଦାସ, ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡେଙ୍ଗା, ରାଜ୍ୟ ଯୁବ ବିଜେଡି ସମ୍ପାଦକ ଶୁଭକାନ୍ତ ମହାପାତ୍ର, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଆତ୍ମା ଅଧ୍ୟକ୍ଷ ଦୀପ୍ତି ରଞ୍ଜନ ସାହୁ, ବୋଲଗଡ଼ ବ୍ଲକ ଅଧ୍ୟକ୍ଷା ହୁଲାସ ପ୍ରଧାନ, ଖୋର୍ଦ୍ଧା ଜିଲା ବିଜେଡି ଉପସଭାପତି ପ୍ରଫୁଲ୍ଲ ପ୍ରଧାନ, ୨୨ନଂ. ଜିଲାପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ୨୬ନଂ. ଜିଲାପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ, ଜିଲାପରିଷଦ ସଭ୍ୟ ତନୁଜା ପାଟ୍ଟଶାଣୀ, ବିଧାୟକଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରୀନା ସେଠୀ, ବୋଲଗଡ଼ ବିଜେଡି ବ୍ଲକ ସଭାପତି ବାନାମ୍ବର ମାଝୀ, ଛାତ୍ର ଜନତା ଦଳ ସମ୍ପାଦକ ସ୍ୱାଧୀନ ପଣ୍ଡା, ରୂପକାନ୍ତି ସାହୁ, ଶାନ୍ତିଲତା ରଣସିଂହ, ଗୀତାଞ୍ଜଳି ସୁବୁଦ୍ଧି, ବେଗୁନିଆ ମହିଳା ବିଜେଡି ସଭାପତି ଲୀଳା ସ୍ୱାଇଁ, ବୋଲଗଡ଼ ମହିଳା ବିଜେଡି ସଭାପତି ପ୍ରଭାତୀ ରାଉତରାୟ, ବୋଲଗଡ଼ ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ, ଶୁଭେନ୍ଦୁ ସାହୁଙ୍କ ସମେତ ଜନପ୍ରତିନିଧିମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ପୂଜ୍ୟ ଗୁରୁ ପ୍ରଣାମ କାର୍ଯ୍ୟକ୍ରମ

ଯାଁଳା,୧୧।୧୨(ବୁଲା ବାରିକ)

କୃଷ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ଯାଁଳା ମୁଣ୍ଡମୁହାଣଠାରେ ୧୯୭୧, ୧୯୭୨ ଓ ୧୯୭୩ ମସିହାର ଛାତ୍ରୀଛାତ୍ରଙ୍କ ପକ୍ଷରୁ 'ପୂଜ୍ୟ ଗୁରୁ' ପ୍ରଣାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଗୁରୁ ସିଦ୍ଧେଶ୍ୱର ମହାପାତ୍ର, ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, କୈଳାସ ଚନ୍ଦ୍ର ସୁବୁଦ୍ଧି, ରମେଶ ଚନ୍ଦ୍ର ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ୧୯୭୧ ବ୍ୟାଚର ଛାତ୍ର ଋଷି ଗୁମାନସିଂ ସଭାପତିତ୍ୱ କରିଥିବା ବେଳେ ୧୯୭୩ ବ୍ୟାଚର ପ୍ରଭାତ କୁମାର ସୁବୁଦ୍ଧି କାର୍ଯ୍ୟ ପରିଚାଳନା କରିଥିଲେ। ପ୍ରଥମେ ଗୁରୁଙ୍କୁ ସ୍ୱାଗତ କରାଯିବା ପରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରିଥିଲେ। ସ୍ୱର୍ଗତ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଯାଁଳା, ମୁଣ୍ଡମୁହାଣ, ନଂପୁଟ, ମହୁରା, ଗୌଡ କାଶିପୁର, ତମାଣ୍ଡୋ, ସାହାଣୀକାଶୀପୁର, ପାତ୍ରପଡା, ମଦନପୁର, କାଇମାଟିଆ, ରାଧାଚରଣପୁର, ଜାମୁଝରୀ, ଗଙ୍ଗପଡା ଓ ବଡ଼ରଘୁନାଥପୁର ଆଦି ଗ୍ରାମର ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଜୟ ନାରାୟଣ ପଟ୍ଟନାୟକ, ପ୍ରିୟରଞ୍ଜନ ମହାପାତ୍ର, ବିଶ୍ୱନାଥ ବେହେରା, କାଳନ୍ଦୀ ମାନସିଂହ, ପବିତ୍ର ସାହୁ, ସତ୍ୟବାନ ମିଶ୍ର, ସୁରେନ୍ଦ୍ର ସାହୁ, ପ୍ରହ୍ଲାଦ ସୁବୁଦ୍ଧିଙ୍କ ସମେତ ପୁରାତନ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

# ଜାତୀୟ ରାଜପଥରେ ଲୁଟେରା ସକ୍ରିୟ

- ମହିଳାଙ୍କଠାରୁ ଝାମ୍ପିନେଲେ ସୁନାଚେନ୍
- ହାଇୱେ ପାଟ୍ରୋଲିଂ ଢିଲା

ଖୋର୍ଦ୍ଧା,୧୧।୧୨(ପ୍ରଭାତ ପାଣିଗ୍ରାହୀ)

କିଛିଦିନର ନୀରବତା ପରେ ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥରେ ପୁଣି ଲୁଟେରା ସକ୍ରିୟ ହୋଇଉଠିଛନ୍ତି। ସେମାନେ ରାଜପଥ ଦେଇ ବାଇକ୍‌ରେ ଯାଉଥିବା ଲୋକଙ୍କଠାରୁ ସୁନାଚେନ୍ ଓ ଟଙ୍କା ଲୁଟ୍‌ପାଟ୍ କରୁଛନ୍ତି। ରାଜପଥରେ ପୋଲିସ ପାଟ୍ରୋଲିଂ ଅଭାବରୁ ଲୁଟେରାମାନେ ସକ୍ରିୟ ହୋଇଉଠିଥିବା ସାଧାରଣରେ ମତପ୍ରକାଶ ପାଇଛି। ଅରଗୁଳସ୍ଥିତ ଆଇଆଇଟିର କର୍ମଚାରୀ ପ୍ରବୀଣ କୁମାର ସ୍ତ୍ରୀଙ୍କ ସହ ସୋମବାର ଦ୍ୱିପ୍ରହରରେ ଖୋର୍ଦ୍ଧା ବଜାରକୁ ମାର୍କେଟିଂ ପାଇଁ ବାଇକ୍‌ରେ ଆସୁଥିଲେ। ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଜାତୀୟ ରାଜପଥର ପଞ୍ଚସଖା ଛକ ନିକଟରେ ଦୁଇଜଣ ଲୁଟେରା ସେମାନଙ୍କୁ ପିଛାକରି ଆସି ପ୍ରବୀଣଙ୍କ ସ୍ତ୍ରୀଙ୍କ ବେକରୁ ସୁନାଚେନ୍ ଝାମ୍ପିନେଇ ଚମ୍ପଟ ମାରିଥିଲେ। ଏନେଇ ପ୍ରବୀଣ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ଏନେଇ ଥାନାରେ ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି। ସେହିପରି କିଛିଦିନ ପୂର୍ବେ ଜଣେ ଛାତ୍ରୀ ପ୍ରାଣନାଥ କଲେଜରୁ ଚାଲି ଚାଲି ଘରକୁ ଫେରୁଥିବା ବେଳେ ବାଇପାସ୍ ଛକ ନିକଟରେ ଜଣେ ଦୁର୍ବୃତ୍ତ ତାଙ୍କ ମୋବାଇଲ ଝାମ୍ପିନେଇ ଫେରାର ହୋଇଯାଇଥିଲେ। ଜଟଣୀ ବାଇପାସ୍, ଗଡ଼ଖୋର୍ଦ୍ଧା ଛକ, ଟୋଟାପଡ଼ା, ଦଳେଇପୁଟ, ମଳିପଡ଼ା, ଟାପଙ୍ଗ ଛକ ନିକଟରେ ବାରମ୍ବାର ଲୁଟ୍‌ପାଟ୍ ଘଟୁଥିବା ବେଳେ ରାଜପଥରେ ପୋଲିସର ପାଟ୍ରୋଲିଂ ଅଭାବରୁ ଦୁର୍ବୃତ୍ତମାନେ ସକ୍ରିୟ ହୋଇଉଠିଛନ୍ତି। ସନ୍ଧ୍ୟାହେଲେ ଖୋର୍ଦ୍ଧାପଟୁ ଲୋକେ ଘରକୁ ଫେରିବାକୁ ଭୟ କରୁଛନ୍ତି। ଲୁଟେରାଙ୍କ ଉପରେ ନଜର ରଖାଯିବ ବୋଲି ଖୋର୍ଦ୍ଧା ଟାଉନ ଥାନା ଅଧିକାରୀ ସଞ୍ଜୟ ନାୟକ କହିଛନ୍ତି। ସେହିପରି ସଦର ଏସ୍‌ଡିପିଓ ଦିଲୀପ ଦାସ କହିଛନ୍ତି, ରାଜପଥରେ ଲୁଟେରାଙ୍କ ନଜର ରଖିବା ପାଇଁ ସମସ୍ତ ଥାନାକୁ ଅବଗତ କରାଯାଇଛି। ଏହା ଉପରେ ତୀକ୍ଷ୍ଣ ନଜର ମଧ୍ୟ ରଖାଯିବ।

# ମେଗା ପାନୀୟଜଳ ପ୍ରକଳ୍ପ କାମ ଧିମା

ଟାଙ୍ଗୀ,୧୧।୧୨(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲାର ବାଣପୁର, ଚିଲିକା, ଟାଙ୍ଗୀ ବ୍ଲକର ପ୍ରତ୍ୟେକ ପରିବାରକୁ କେନ୍ଦ୍ର ଓ ରାଜ୍ୟ ସରକାର ଜଳ ଜୀବନ ମିଶନ ଯୋଜନାରେ ଶାଳିଆ ଡ୍ୟାମ୍‌ରୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଣର ଘୋଷଣା କରାଯାଇ କାର୍ଯ୍ୟ ଆରମ୍ଭ ହୋଇଛି। କିନ୍ତୁ କଚ୍ଛପ ଗତିରେ କାମ ଚାଲିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ମେଗା ପାନୀୟଜଳ ପ୍ରକଳ୍ପରେ ବାଣପୁର ବ୍ଲକର ୧୭ଟି ପଞ୍ଚାୟତ, ଚିଲିକା ବ୍ଲକର ୧୭ ପଞ୍ଚାୟତ, ବାଲୁଗାଁ, ବାଣପୁର ବିଜ୍ଞାପିତ ଅଞ୍ଚଳ ସମେତ ଟାଙ୍ଗୀ ବ୍ଲକର ୭ଟି ପଞ୍ଚାୟତ ରତନପୁର, କୁହୁଡି, କୁଞ୍ଜୁରୀ, ପାରିଓରଡ, ବଡ଼ପାରୀ, ରାମଚନ୍ଦ୍ରପୁର ଓ ଟାଙ୍ଗୀର ପ୍ରତ୍ୟେକ ପରିବାରକୁ ସାମିଲ କରାଯାଇଛି। ୧୫୯ କୋଟି ଟଙ୍କାର ପ୍ରକଳ୍ପକୁ ଟେଣ୍ଡର ମାଧ୍ୟମରେ ଏକ କମ୍ପାନୀ କାର୍ଯ୍ୟାଦେଶ ପାଇଛି। ଏହି କାର୍ଯ୍ୟ ୨୦୨୧ ଫେବୃୟାରୀରୁ ଆରମ୍ଭ ହୋଇ ୨୦୨୩ ଫେବୃୟାରୀରେ ଶେଷ ହେବା ପାଇଁ କାର୍ଯ୍ୟାଦେଶରେ ଉଲ୍ଲେଖ ରହିଛି। କିନ୍ତୁ ଆଜିଯାଏ ୪୦ ପ୍ରତିଶତ କାର୍ଯ୍ୟ ହୋଇ ନ ଥିବା ଜଣାପଡ଼ିଛି। କାର୍ଯ୍ୟ ଶେଷହେବାର ୫ ବର୍ଷ ମଧ୍ୟରେ ସମସ୍ତ ମରାମତି କାର୍ଯ୍ୟ ଠିକାଦାର କରିବା ପାଇଁ ଚୁକ୍ତିପତ୍ର ହୋଇଛି। ଖୋର୍ଦ୍ଧା ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଏହି ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟର ତଦାରଖ ଦାୟିତ୍ୱରେ ରହିଛି। ବିଭିନ୍ନ ପଞ୍ଚାୟତର ଅର୍ଦ୍ଧାଧିକ ୱାର୍ଡରେ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଶାଳିଆ ଡ୍ୟାମ୍ ନିକଟରେ ପ୍ରକଳ୍ପ ପାଇଁ ଉଦ୍ଦିଷ୍ଟ ଜମି ଜଙ୍ଗଲ ବିଭାଗର ହୋଇଥିବାରୁ ସେହି ସ୍ଥାନରେ କାର୍ଯ୍ୟ ଅଗ୍ରଗତି କରିପାରୁନାହିଁ। ଜଙ୍ଗଲ ଜମିକୁ ରାଜସ୍ୱ ବିଭାଗକୁ ହସ୍ତାନ୍ତର ପକ୍ରିୟାରେ ବିଳମ୍ବ ଘଟୁଛି। ପ୍ରଶାସନିକ ସ୍ତରରେ ସମସ୍ତ ସମସ୍ୟାର ସମାଧାନ କରାଯାଇ ଏହି ମେଗା ପାନୀୟଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ପାଇଁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ବିଭାଗୀୟ ଖୋର୍ଦ୍ଧା ସହକାରୀ ନିର୍ବାହୀ ଯନ୍ତ୍ରୀ ରଜନୀକାନ୍ତ ପାଣିଗ୍ରାହୀ କହିଛନ୍ତି, ଜଙ୍ଗଲ ଜମି ହସ୍ତାନ୍ତର ପ୍ରକ୍ରିୟା କାର୍ଯ୍ୟ ଜାରି ରହିଛି। ସମ୍ପୂର୍ଣ୍ଣ ହେବା ପରେ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି କରିବ।

### ଅବକାରୀ ବିଭାଗ ଗାଡ଼ି ଧକ୍କାରେ ଗୋଡ଼ ଭାଙ୍ଗିଲା

ଗମ୍ଭାରୀମୁଣ୍ଡା,୧୧।୧୨(ଦିଲୀପ ସ୍ୱାଇଁ)

ବାଲୁଗାଁ ଅବକାରୀ ବିଭାଗର ଗାଡ଼ିଧକ୍କାରେ ବାଣପୁର ଗାଦାବରୀଶ ମହାବିଦ୍ୟାଳୟର ଜଣେ ଲାବରେଟୋରି ସହାୟକଙ୍କ ଗୋଡ଼ ଭାଙ୍ଗି ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଶୈଳେନ୍ଦୁ କୁମାର ମହାପାତ୍ର। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର ଏକ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ବାଲୁଗାଁ ଅବକାରୀ ବିଭାଗର କେତେଜଣ ଅଧିକାରୀ ବାଣପୁର ମା'ଉତ୍ତରାୟଣୀ ମନ୍ଦିର ନିକଟକୁ ଆସିଥିବା ବେଳେ ସେଠାରେ ଅବକାରୀ ବିଭାଗର ଗାଡିଟି ଷ୍ଟାର୍ଟ ହୋଇନଥିଲା। ଗାଡିଟିକୁ ଷ୍ଟାର୍ଟ କରିବା ନିମନ୍ତେ କେତେଜଣ ବ୍ୟକ୍ତି ଗାଡି ପଛପଟୁ ପେଲୁଥିବା ବେଳେ ହଠାତ୍ ଗାଡିଟି ଷ୍ଟାର୍ଟ ହେବା ପରେ ଚାଳକ ନିୟନ୍ତ୍ରଣ ହରାଇଥିଲେ। ଫଳରେ ଗାଡିଟି ଆଗକୁ ମାଡିଯାଇ ଲାବରେଟୋରି ସହାୟକ ମହାପାତ୍ରଙ୍କ ଗୋଡ଼ ଉପରେ ଚଢିଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକ କରିଥିଲେ। ତାଙ୍କୁ ଭୁବନେଶ୍ୱରର ଏକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ଆନ୍ତଃ ବିଦ୍ୟାଳୟ ମହିଳା କବାଡ଼ି ପ୍ରତିଯୋଗିତା


ଅତିଥିଙ୍କ ଗହଣରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବାଳିକାମାନେ।

ଗମ୍ଭାରୀମୁଣ୍ଡା,୧୧।୧୨(ଦିଲୀପ ସ୍ୱାଇଁ)

ଖୋର୍ଦ୍ଧା ଜିଲା ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଦୁଇଦିନିଆ ଜୋନ୍‌ସ୍ତରୀୟ ଆନ୍ତଃ ବିଦ୍ୟାଳୟ ମହିଳା କବାଡ଼ି ପ୍ରତିଯୋଗିତା ସୋମବାର ଆରମ୍ଭ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମିଟୁ ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଗୋଦାବରୀଶ ମହାବିଦ୍ୟାଳୟ ଅଧ୍ୟକ୍ଷ ବିନାୟକ ହୋତା, ଗ୍ରାମୀଣ ମହିଳା ବିଦ୍ୟାଳୟ ଅଧ୍ୟକ୍ଷା ରଶ୍ମିତା ମହାନ୍ତି, ୪ ନମ୍ବର ୱାର୍ଡ କାଉନ୍‌ସିଲର ରାସଲତା ଜେନା, ପୂର୍ବତନ ଖେଳ ଶିକ୍ଷକ ବୈରାଗୀ ଚରଣ ବଳ, ଖେଳ ଶିକ୍ଷକ ବିଭୁଦେନ୍ଦୁ ମାନସିଂହ, ଅଧ୍ୟାପକ ସର୍ବେଶ୍ୱର ଷଡ଼ଙ୍ଗୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରଥମ ଦିବସରେ ଗୋଦାବରୀଶ ମହାବିଦ୍ୟାଳୟ, ବାଣପୁର ଗ୍ରାମୀଣ ମହିଳା ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଟିଆ ଭୁବନେଶ୍ୱର ଟିମ୍ କବାଡ଼ି ପ୍ରତିଯୋଗିତାରେ ଭାଗନେଇଥିଲେ। ପ୍ରଥମ ପର୍ଯ୍ୟାୟରେ ଗୋଦାବରୀଶ ମହାବିଦ୍ୟାଳୟ ଟିମ୍‌କୁ ପରାସ୍ତ କରି ବାଣପୁର ଗ୍ରାମୀଣ ମହିଳା ବିଦ୍ୟାଳୟ ବିଜୟୀ ହୋଇଛି। ଫାଇନାଲ ରାଉଣ୍ଡରେ ଗ୍ରାମୀଣ ମହିଳା ବିଦ୍ୟାଳୟକୁ ହରାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଟିଆ ଭୁବନେଶ୍ୱର ଟିମ୍ ବିଜୟୀ ହୋଇଛି। ସୁନୀଲ ପଟ୍ଟନାୟକ, କଳ୍ପଶ୍ରୀ ପ୍ରଧାନ, ଶିବଶଙ୍କର ପଣ୍ଡା ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ।

## ଶରଧାପୁର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

# ଘାଟିକିଆ କ୍ଲବ ଚାମ୍ପିୟନ

ଖୋର୍ଦ୍ଧା,୧୧।୧୨(ପ୍ରଭାତ ପାଣିଗ୍ରାହୀ)

ଶରଧାପୁର ସ୍ପୋର୍ଟ୍ସ ଆସୋସିଏଶନ (ଏସ୍‌ଏସ୍‌ଏ) ପକ୍ଷରୁ ଚାଲିଥିବା ୧୪ତମ ଶରଧାପୁର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଘାଟିକିଆ କ୍ଲବ ଚାମ୍ପିୟନ ହୋଇଛି। ସ୍ଥାନୀୟ ଖେଳପଡ଼ିଆରେ ସୋମବାର ଘାଟିକିଆ କ୍ଲବ ଏବଂ ଏସ୍‌ଏସ୍‌ଏ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧରେ ଏସ୍‌ଏସ୍‌ଏ ପକ୍ଷରୁ ୧୦ ନମ୍ବର ଖେଳାଳି ନାସିର ରହମାନ ପ୍ରଥମ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ଘାଟିକିଆ କ୍ଲବର ତୁଫାନି ନାୟକ ଓ ବିକାଶ ନାୟକ ଦୁଇଟି ଗୋଲ ଦେଇଥିଲେ। ଫଳରେ ଘାଟିକିଆ କ୍ଲବ ୨-୧ ଗୋଲରେ ଏସ୍‌ଏସ୍‌ଏ ଟିମ୍‌କୁ ପରାସ୍ତ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ପ୍ରଫୁଲ୍ଲ ବେହେରା, ବିଦେଶୀ ନାୟକ, ଇଜାଜ ହୁସେନ ମ୍ୟାଚ୍ ପରିଚାଳନା କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଶରଧାପୁର ଟିମ୍‌ର ନାସିର ରହମାନ ଏବଂ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ଘାଟିକିଆ କ୍ଲବର ତୁଫାନି ନାୟକଙ୍କୁ ପୁରସ୍କୃତ କରାଯାଇଛି।



ଅତିଥିଙ୍କଠାରୁ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

ଏଥିସହିତ ଖେଳାଳି ମହମ୍ମଦ ହାସିମ୍ ଓ ମହମ୍ମଦ ଜାହିଦ୍‌ଙ୍କୁ ମଧ୍ୟ ପୁରସ୍କୃତ କରାଯାଇଛି। ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଦିବସରେ ନାଲିପଡା ଅର୍ଜୁନପୁର ସରପଞ୍ଚ ସୂର୍ଯ୍ୟପ୍ରସାଦ ମହାନ୍ତି, କ୍ୟାପ୍‌ଟେନ୍ ମନ୍ମଥ ରାଉତରାୟ, ଏସ୍‌ଏସ୍‌ଏ ସଭାପତି ମହମ୍ମଦ ଇଜରିସ, ଗ୍ରାମ କମିଟି ସଭାପତି ଲକ୍ଷ୍ମୀଧର ବଡ଼ଜେନା, ଅଲ୍ଲୀ ଅହମ୍ମଦ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ୧୦ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସ ଅପ୍ ଟିମ୍‌କୁ ୮ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଏସ୍.ଇ. ହୁଦାଙ୍କ ସମେତ ବ୍ରଜକିଶୋର ବଡ଼ଜେନା, ମୀନକେତନ ବଡ଼ଜେନା, ମହମ୍ମଦ ରହେମାତୁଲା, ଜାପାନୀ ବେହେରା, ମହମ୍ମଦ ୟାକୁବ୍, ମକବୁଲ ଅହେମାନ, ଦେବରାଜ ବାରିକ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ଫାଇନାଲରେ ପପୁଲାର କ୍ଲବ ଢେଙ୍କାନାଳ

### ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ନିରାକାରପୁର,୧୧।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ଥିବା କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ଖେଳପଡ଼ିଆରେ ଫ୍ରେଣ୍ଡ୍ସ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୩୦ତମ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ସୋମବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ପପୁଲାର କ୍ଲବ ଢେଙ୍କାନାଳ ଓ ଏମ୍‌ବିସି କ୍ଲବ ଖଡ଼ଗପୁର ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ରହିଥିବା ବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରରେ ପପୁଲାର କ୍ଲବ ୫-୪ ଗୋଲରେ ଖଡ଼ଗପୁରକୁ ପରାସ୍ତକରି ବିଜୟୀ ହେବାସହ ଫାଇନାଲରେ ପ୍ରବେଶ କରିଛି। ଜ୍ୟୁଷ ବେଗ, ସୁଶାନ୍ତ ମିଶ୍ର, ଅବିନାଶ ପଟ୍ଟନାୟକ, ଓମ୍ ପ୍ରକାଶ ମିଶ୍ର, ହୃଦାନନ୍ଦ ମହତ୍‌ରାୟ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ମ୍ୟାଚ୍ କମିଶନର ଭାବେ ଅକ୍ଷୟ ପଟ୍ଟନାୟକ ଯୋଗଦେଇଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ଢେଙ୍କାନାଳ ଟିମ୍‌ର କାଳିଆ ବରାଳ, ଖଡ଼ଗପୁର ଟିମ୍‌ର ମଙ୍ଗଳ ମାରାଣ୍ଡିଙ୍କୁ ଟ୍ରଫି ପ୍ରଦାନ କରାଯାଇଛି। ଏହି ମ୍ୟାଚ୍ ପରିଚାଳନାରେ ଅନୁଷ୍ଠାନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ମଙ୍ଗଳବାର ୟଙ୍ଗ୍ ଉତ୍କଳ କ୍ଲବ କଟକ ଓ ଏସ୍‌ପିଏମ୍‌ଏଫ୍‌ସି ବିଶାଖାପାଟଣା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।



## ସଂକ୍ଷେପରେ

### ଗୋଟିଏ ରାତିରେ ୩ ଘରୁ ଚୋରି

କଟକ ସଦର, ୧୧।୧୨ (ସୁଶାନ୍ତ କୁମାର ଜେନା)

କିଶନ ନଗର ଥାନା ଅନ୍ତର୍ଗତ ବାଲିଶୁକ୍ରି(ତରଡପଡ଼ା) ଗ୍ରାମର ୩ ଜଣଙ୍କ ଘରୁ ରବିବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଉକ୍ତ ଗ୍ରାମର ୱାହିଦ୍ ଖାଁଙ୍କ ଘରୁ ୨ ଲକ୍ଷ ଟଙ୍କା ସହିତ ସୁନା ଅଳଙ୍କାର, ଅବ୍ଦୁଲ ନସିମ ଖାଁଙ୍କ ଘରୁ ୬ ହଜାର ଟଙ୍କା, ରିଆଜ୍ ଖାଁଙ୍କ ଘରୁ ୫ ହଜାର ଟଙ୍କା ସହ ସୁନା ଅଳଙ୍କାର ଚୋରି କରି ନେଇଛନ୍ତି। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ.୨୯୧/୨୩) ରୁଜୁ ହୋଇଛି। ଅପରପକ୍ଷରେ କିଛିଦିନ ତଳେ ୩ଟି ସ୍ଥାନରେ ଦୋକାନରୁ ଚୋରି ହୋଇଥିବା ଘଟଣାରେ ରବିବାର ରାତିରେ ପୋଲିସ ଚଢାଉ କରି କେତେଜଣ ଦୁର୍ବୃତ୍ତଙ୍କୁ କାବୁ କରି ପଚରାଉଚରା କରିଛି। ବିଳମ୍ବିତ ରାତିରେ କିଶୋର ନଗର ମହାନଦୀ ବନ୍ଧ ଉପରେ ଲୋକମାନଙ୍କ ବୁଲାବୁଲି ବନ୍ଦ କରିବା ପାଇଁ ପୋଲିସ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### ଭତ୍ତା ଟଙ୍କା ବୃଦ୍ଧି ପାଇଁ ଦାବିପତ୍ର

ମଙ୍ଗୁଳି-ଜଗତପୁର:୧୧।୧୨ (ମାନସ ସାମଲ)

ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ରାଶି ୫୦୦ ଟଙ୍କା ପରିବର୍ତ୍ତେ ଅନ୍ୟୂନ ୧୫୦୦ ଟଙ୍କା ବୃଦ୍ଧି କରିବାକୁ କଟକ-ଚୌଦ୍ୱାର ବିକାଶ ପରିଷଦ ପକ୍ଷରୁ ଦାବି ହୋଇଛି। ପରିଷଦ ପକ୍ଷରୁ ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି, ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ଦିଆଯାଉଥିବା ଭତ୍ତା ରାଶି ଖୁବ୍ କମ୍। ବର୍ତ୍ତମାନର ବଜାର ଦର ଦେଖିଲେ ଜଣେ ବ୍ୟକ୍ତି ଉକ୍ତ ଭତ୍ତା ଟଙ୍କାରେ ମାସ ସାରା ଚଳିବା କଷ୍ଟକର। ତେଣୁ ଓଡ଼ିଶାରେ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ଅନ୍ୟୂନ ୧୫୦୦ ଟଙ୍କା କରିବାକୁ ପରିଷଦର ସଭାପତି ମାନସ ପରିଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଯୁବନେତା ଜିନେସ ଦାସ, ଅଲେଖ ଚନ୍ଦ୍ର ବେହେରା, ସୁକାନ୍ତ ସାହାଣୀ, ତୀର୍ଥାନନ୍ଦ ପଣ୍ଡା, ରଶ୍ମିକାନ୍ତ ସାମଲ, ଦୁର୍ଯ୍ୟୋଧନ ପ୍ରଧାନ, ଆଇନଜୀବୀ ଓମ୍‌ପ୍ରକାଶ ପଣ୍ଡା, ସୁବାସ ସୁବୁଦ୍ଧିରାୟ, ଶ୍ରମିକନେତା ଲକ୍ଷ୍ମୀଧର ଶରଣଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ସଦସ୍ୟ ଦାବିପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।

### ଆଜିଠୁ ଏସ୍‌ସିବି ସୁପରସ୍ପେଶିଆଲିଟି ଓପିଡିରେ ରକ୍ତ ନମୁନା ସଂଗ୍ରହ

କଟକ, ୧୧।୧୨ (ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଏସ୍‌ସିବି ମେଡିକାଲର ସୁପରସ୍ପେଶିଆଲିଟି ଓପିଡିରେ ମଙ୍ଗଳବାରଠାରୁ ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ ସହ ରିପୋର୍ଟ ପ୍ରଦାନ କରାଯିବ। ଏ ସମ୍ପର୍କରେ ଏସ୍‌ସିବି ମେଡିକାଲର ପ୍ରଶାସନିକ ଅଧିକାରୀ ଅବିନାଶ ରାଉତ ସୂଚନା ଦେଇଛନ୍ତି। ପୂର୍ବରୁ ରୋଗୀମାନେ ରକ୍ତ ପରୀକ୍ଷା କରିବା ସହ ରିପୋର୍ଟ ପାଇବା ପାଇଁ ନିଦାନ କେନ୍ଦ୍ରରେ ଘଣ୍ଟା ଘଣ୍ଟା ଧରି ଧାଡି ଲଗାଉଥିଲେ। ସେମାନଙ୍କ ସୁବିଧା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ସୂଚନାଯୋଗ୍ୟ, ଗତ ମାସରେ ପରୀକ୍ଷାମୂଳକ ଭାବେ ଏସ୍‌ସିବି ଭେଷଜ ବିଭାଗ ଏବଂ ସ୍ତ୍ରୀ ଓ ପ୍ରସୂତି ବିଭାଗ ଓପିଡିକୁ ଆସିଥିବା ରୋଗୀଙ୍କର ରକ୍ତ ନମୁନା ସଂଗ୍ରହ ରିପୋର୍ଟ ପ୍ରଦାନ କରାଯାଇଥିଲା। ଏହା ପୂର୍ବରୁ ବିଭିନ୍ନ ୱାର୍ଡରେ ଉକ୍ତ ବ୍ୟବସ୍ଥା ଲାଗୁ କରାଯାଇଥିଲା।

# ହେମଦସ୍ତା ପୁଆରେ ମୁଣ୍ଡକୁ ପିଟି ମାରିଥିଲେ

## ପ୍ରକାଶ ସାହୁ ହତ୍ୟା ଘଟଣା: ମା' ପୁଅ ଗିରଫ



ଗିରଫ ୨ ଅଭିଯୁକ୍ତ।

ନିଆଳି, ୧୧।୧୨ (ସୁକାନ୍ତ କୁମାର ସିଂହ)

କଟକ ଜିଲା ନିଆଳି ଥାନା କବିଚନ୍ଦ୍ରପୁର ଗ୍ରାମର ପ୍ରକାଶ ସାହୁ ହତ୍ୟା ଘଟଣାର ରହସ୍ୟ ଉନ୍ମୋଚନ ହୋଇଛି। ଏଥିରେ ସମ୍ପୃକ୍ତ ମା' ଓ ପୁଅଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଉକ୍ତ ଗ୍ରାମର ଜୟଦେବ ସାହୁ(ଟିକୁନା) ଓ ତନୁବାଳା ସାହୁ। ହତ୍ୟାକାଣ୍ଡରେ ବ୍ୟବହୃତ ହେମଦସ୍ତା ପୁଆ, ଅଖାବନ୍ଧା ହୋଇଥିବା ଦଉଡି ଓ ଚପଲ ଜବତ କରାଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ନିଆଳି ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଟକ ଗ୍ରାମାଞ୍ଚଳ ଅତିରିକ୍ତ ଏସ୍‌ପି ଦେବଦତ୍ତ ବରାଳ ସୂଚନା ଦେଇଛନ୍ତି। ଅଧିକ ତଦନ୍ତର ଆବଶ୍ୟକତା ପଡିଲେ ଜୟଦେବଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯିବ ବୋଲି ସେ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଜୟଦେବ ଓ ପ୍ରକାଶଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। କିଛିଦିନ ହେଲା ଉକ୍ତ ଗ୍ରାମର କେତେଜଣ ବ୍ୟକ୍ତିଙ୍କ ସହ ପ୍ରକାଶ ମିଶି ଲିଜ୍ ସୂତ୍ରରେ ଧାନକଟା ମେଶିନ ଆଣି ବ୍ୟବସାୟ କରୁଥିଲେ। ଗତ ୩ ତାରିଖ ସନ୍ଧ୍ୟାରେ ଧାନକଟା ମେଶିନ ବାବଦ ଟଙ୍କା ହିସାବ ପାଇଁ ପ୍ରକାଶ ନିଜ ବନ୍ଧୁଙ୍କ ନିକଟକୁ ଯାଇଥିଲେ। ହିସାବ ସରିବା ପରେ ପ୍ରକାଶ ନିଜ ଘରକୁ ନ ଫେରି ଜୟଦେବଙ୍କ ଘରକୁ ଯାଇଥିଲେ। ସେହି ସମୟରେ ଜୟଦେବ କାମ କରିବା ପାଇଁ ବାହାରକୁ ଯାଇଥିଲେ। ଘରକୁ ଫେରିବା ପରେ ତନୁବାଳା ଓ ପ୍ରକାଶଙ୍କୁ ଏକାଠି ଦେଖି ରାଗିଯାଇଥିଲେ। ଏପରି କି ପ୍ରକାଶଙ୍କୁ ଠେଲାପେଲା କରିବା ସହ ଏକ ହେମଦସ୍ତା ପୁଆରେ ମୁଣ୍ଡକୁ ପିଟି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ପ୍ରକାଶଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ଜୟଦେବଙ୍କୁ ତନୁବାଳା ସାହାଯ୍ୟ କରିଥିଲେ। ପରେ ଜୟଦେବ ଓ ତନୁବାଳା ଏକ ଜରିଅଖାରେ ପ୍ରକାଶଙ୍କ ମୃତଦେହକୁ ଭର୍ତ୍ତିକରି ସ୍ଥାନୀୟ ଗଡେଶ୍ୱର ଦଳଗାଡିଆରେ ଫିଙ୍ଗି ଦେଇଥିଲେ। ଅପରପକ୍ଷରେ ପ୍ରକାଶଙ୍କୁ ଖୋଜାଖୋଜି କରିବା ପରେ ନ ପାଇବାରୁ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି ସାହୁ ନିଆଳି ଥାନାର ଦ୍ୱାରସ୍ଥ ହୋଇଥିଲେ। ଗତ ୮ ତାରିଖରେ ଉକ୍ତ ପୋଖରୀରେ ଏକ ଅଖା ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅଖା ଖୋଲିବା ପରେ ପ୍ରକାଶଙ୍କ ମୃତଦେହ ହାତଗୋଡ ବନ୍ଧା ଅବସ୍ଥାରେ ଥିବା ଦେଖିବାକୁ ମିଳିଥିଲା। ଖବରପାଇ ଏସ୍‌ପି ଦେବବ୍ରତ ବରାଳ, କଟକ ସଦର ଏସ୍‌ଡିପିଓ ଏବଂ ନିଆଳି ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ଏସ୍‌ସିବି ମେଡିକାଲ ପଠାଇ ଦିଆଯାଇଥିଲା। ପରେ ପୋଲିସ ତଦନ୍ତ କରିବା ସହ ତଥ୍ୟ ଓ ପ୍ରମାଣକୁ ଆଧାରକରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲା।





ଶିକ୍ଷାନୁଷ୍ଠାନଗୁଡିକରେ ଆୟୋଜିତ ସରକାରୀ କାର୍ଯ୍ୟକ୍ରମକୁ ବିରୋଧ କରି ଛାତ୍ର ସମାଜ ଓଡ଼ିଶା ପକ୍ଷରୁ ସୋମବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ।

# ଭାଜପା ପକ୍ଷରୁ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

କଟକ, ୧୧।୧୨ (ଶିଳ୍ପା ପ୍ରିୟଦର୍ଶିନୀ)

ଭାଜପା କଟକ ନଗର ଜିଲା ପକ୍ଷରୁ ସୋମବାର ଅପରାହ୍ନରେ କଟକ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟ ସରକାରଙ୍କ ଖୋଲପା ଭିତରେ କଂଗ୍ରେସର ଦୁର୍ନୀତିଗ୍ରସ୍ତ ମଦମାଫିଆଙ୍କୁ ଅନୁକମ୍ପା କାରଣରୁ କଂଗ୍ରେସ ଏମ୍‌ପି ଧୀରଜ ସାହୁଙ୍କ ଘରୁ ମିଳିଥିବା ବିପୁଳ ଟଙ୍କା ଓ ଏହା ସହ ରାଜ୍ୟ ସରକାରଙ୍କ ଲିଙ୍କ୍ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଘଟଣାରେ ସମ୍ପୃକ୍ତ ରାଜ୍ୟ ପ୍ରଶାସନ ଓ ଶାସନରେ ଥିବା ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଯାଇଥିଲା। ଏଥିସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କଂଗ୍ରେସ ଏମ୍ ଧୀରଜ ସାହୁଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଭାଜପା କଟକ ନଗର ଜିଲା ସଭାପତି ଲଲାଟେନ୍ଦୁ ବଡୁ ଓ ଜିଲା ସଭାପତି ପ୍ରକାଶ ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ଭାଜପା ନେତା ନୟନ କିଶୋର ମହାନ୍ତି, ଦିଲ୍ଲୀପ ମଲ୍ଲିକ, ବିନୋଦ ଦାସ, ମୃତ୍ୟୁଞ୍ଜୟ ଜେନା, ହୃଷୀକେଶ ଜେନା, ରାମ ନାରାୟଣ ମହାନ୍ତି, ପ୍ରଦୀପ ପଟ୍ଟନାୟକ, ଗୀତା ଦାସ, ସିକନ୍ଦର ଅଲ୍ଲୀ, କର୍ପୋରେଟର ଗୋପାଳ ବେହେରା, ଗଗନ ଓଝା ଓ ଦୀପକ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଭାଜପା ନେତୃବୃନ୍ଦ ଓ ଅନ୍ୟମାନେ ବିକ୍ଷୋଭ କରୁଛନ୍ତି।

# ୧୫ରେ ଶ୍ରମମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଧାରଣା

କଟକ, ୧୧।୧୨ (ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଜିଲା ଆଠଗଡ଼ସ୍ଥିତ ମାହେଶ୍ୱରୀ ଇସ୍ପାତ କାରଖାନାକୁ ଚକ୍ରାନ୍ତ କରି ବନ୍ଦ କରିବା ପରେ ବି.କେ. ଷ୍ଟିଲ୍ ନାମକ ଏକ ଘରୋଇ କମ୍ପାନୀକୁ ବିକ୍ରିକରି ଦିଆଯାଇଛି। ଫଳରେ ପୂର୍ବରୁ ଏଠାରେ ଦୀର୍ଘବର୍ଷ ଧରି କାର୍ଯ୍ୟରତ ଶ୍ରମିକମାନେ ସେମାନଙ୍କ ପ୍ରାପ୍ୟ ପାଇନାହାନ୍ତି। ଏନେଇ ଶ୍ରମିକ ସଙ୍ଗଠନ ପକ୍ଷରୁ କୋର୍ଟଙ୍କ ଆଶ୍ରୟ ନିଆଯାଇଥିଲା। କୋର୍ଟ ଶ୍ରମିକମାନଙ୍କର ଆବେଦନ ଗ୍ରହଣ କରି ତୁରନ୍ତ ବକେୟା ଦରମା ବାବଦକୁ ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାହେଶ୍ୱରୀ ଇସ୍ପାତ କର୍ମଚାରୀ ସଂଘ ତରଫରୁ ଏ ନେଇ ଶ୍ରମ କମିଶନର, ଯୁଗ୍ମ ଶ୍ରମ ଆୟୁକ୍ତ, ପ୍ରଭାଗୀୟ ଶ୍ରମ ଆୟୁକ୍ତ ଓ ଜିଲା ଶ୍ରମ ଅଧିକାରୀଙ୍କୁ କରାଯାଇଥିଲେ ସୁଦ୍ଧା ସୁଫଳ ମିଳିପାରିନାହିଁ। ଉକ୍ତ କମ୍ପାନୀର ଜଣେ ଶ୍ରମିକ ବକେୟା ପ୍ରାପ୍ୟ ନ ପାଇ ଆତ୍ମହତ୍ୟା କରିଥିଲେ। କମ୍ପାନୀ ମାଲିକ ଶ୍ରମ ବିଭାଗକୁ ବେଖାତିର କରି ଶ୍ରମିକମାନଙ୍କ ଅଧିକାର ଦେଉନାହାନ୍ତି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ଆସନ୍ତା ୧୫ ତାରିଖରେ ଭୁବନେଶ୍ୱରସ୍ଥିତ ଶ୍ରମମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି କଟକ ବକ୍ସିବଜାରସ୍ଥିତ ପାନ୍ଥନିବାସଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମାହେଶ୍ୱରୀ ଇସ୍ପାତ କର୍ମଚାରୀ ସଂଘର କାର୍ଯ୍ୟକାରୀ ସଭାପତି ବସନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

ଏନେଇ ବି.କେ. ଷ୍ଟିଲ୍ କମ୍ପାନୀର ମ୍ୟାନେଜର ସନ୍ଦୀପ ବେହେରା କହିଛନ୍ତି, କମ୍ପାନୀ ହୋଇଛି ତ ଅଭିଯୋଗ ବହୁତ ଆସିବ। ବିଭିନ୍ନ ସମସ୍ୟାର ସମାଧାନ ପର୍ଯ୍ୟାୟକ୍ରମେ କରାଯାଉଛି। ଧୈର୍ଯ୍ୟର ସହ ଅପେକ୍ଷା କଲେ ସମସ୍ତ ସମସ୍ୟାର ସମାଧାନ କରାଯିବ। ଏହି ଖବରଦାତା ସମ୍ମିଳନୀରେ ମାହେଶ୍ୱରୀ ଇସ୍ପାତ କର୍ମଚାରୀ ସଂଘର ସଭାପତି ସାନ୍ତନୁ ମହାପାତ୍ର, ଉପସଭାପତି ଚଣ୍ଡୀ ପ୍ରସାଦ ଶତପଥୀ, ସାଧାରଣ ସମ୍ପାଦକ ପ୍ରକାଶ ରାଉତ, କୋଷାଧ୍ୟକ୍ଷ ଶ୍ରୀକାନ୍ତ ସାହୁ, ଓଡ଼ିଶା ଠିକା ମଜଦୁର ମହାସଂଘର ରାଜ୍ୟ ସଭାପତି ଅଶୋକ ସ୍ୱାଇଁ, ଆର୍‌ଏସ୍‌ବି ମଜଦୁର ସଂଘର ସାଧାରଣ ସମ୍ପାଦକ ସୁକାନ୍ତ ସାହୁ, ଜଗତ୍‌ପୁର ଶିଳ୍ପାଞ୍ଚଳ ଶ୍ରମିକ ସଂଘର ସାଧାରଣ ସମ୍ପାଦକ ଅଶୋକ ସାମଲ ଉପସ୍ଥିତ ଥିଲେ।

# ବାଲିଯାତ୍ରା ଦୁର୍ନୀତିର ତଦନ୍ତ ହେଉ



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ରାଷ୍ଟ୍ରୀୟ ପଛୁଆ ବର୍ଗ ମହାସଂଘର ପ୍ରତିନିଧିମାନେ।

## ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ଦାବିପତ୍ର

କଟକ, ୧୧।୧୨ (ଶିଳ୍ପା ପ୍ରିୟଦର୍ଶିନୀ)

ଚଳିତବର୍ଷ କଟକ ବାଲିଯାତ୍ରା ଶେଷ ହୋଇଛି। ଏହାକୁ ସରସ ସୁନ୍ଦର କରିବା ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ଓ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ଯୋଜନା କରାଯାଇ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ହେଲେ ଏହି ଖର୍ଚ୍ଚରେ ଦୁର୍ନୀତି ହୋଇଥିବା ନେଇ ରାଷ୍ଟ୍ରୀୟ ପଛୁଆ ବର୍ଗ ମହାସଂଘ ଅଭିଯୋଗ କରିଛି। ତୁରନ୍ତ ଏହାର ତଦନ୍ତ କରି ପର୍ଦ୍ଦାଫାଶ କରିବା ପାଇଁ ଭିଜିଲାନ୍ସ ନିର୍ଦ୍ଦେଶକ ଜଶୋବନ୍ତ ଜେଠୁଆଙ୍କୁ ନିକଟରେ ମହାସଂଘ ଦାବି କରିଛି।

ଦାବିପତ୍ରରେ ଉଲ୍ଲେଖ ରହିଛି, ବାଲିଯାତ୍ରା ଦୁଇଟି ତୋରଣ ପାଇଁ ୩୨ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା। କିନ୍ତୁ ବାସ୍ତବରେ ୬/୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ବାକି ଟଙ୍କା ବାଟମାରଣା ହୋଇଛି। ଏହା ତଦନ୍ତ ସାପେକ୍ଷ। ସେହିପରି ବାଲିଯାତ୍ରାରେ ଧୂଳି ନ ଉଡିବା ପାଇଁ କେମିକାଲ ସ୍ପ୍ରେ ବାବଦକୁ ୩୪ ଲକ୍ଷ ଟଙ୍କା ବଜେଟ ହେଇଥିଲା। ହେଲେ ଏହି ସ୍ପ୍ରେ ସିଏମ୍‌ସି ଗାଡିରେ କରାଯାଇଥିଲା। ଯଦି ସିଏମ୍‌ସି ଏହି କାର୍ଯ୍ୟ କଲା ତେବେ ଏତେ ଟଙ୍କା କିପରି ଖର୍ଚ୍ଚ ହେଲା ତାହାକୁ ନେଇ ମହାସଂଘ କର୍ମକର୍ତ୍ତାମାନେ ପ୍ରଶ୍ନ ଉଠାଇଛନ୍ତି। ବାଲିଯାତ୍ରାରେ ଲେଜର ଲାଇଟ ଶୋ ଖର୍ଚ୍ଚରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଗତବର୍ଷ ଦୁର୍ନୀତି ଚପାଇ ଦିଆଯାଇଥିଲା। ଚଳିତବର୍ଷ ବାଲିଯାତ୍ରା ଖର୍ଚ୍ଚର ଠିକ୍ ତଦନ୍ତ କରିବା ପାଇଁ ମହାସଂଘ ରାଜ୍ୟ ସମ୍ପାଦକ ସୁଧାଂଶୁ ପରିଡ଼ା ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ନିବେଦନ କରିଛନ୍ତି।

# ଚୌଦ୍ୱାର ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳିବ କୁକୁର କାମୁଡ଼ା ଇଞ୍ଜେକ୍ସନ୍

ଚୌଦ୍ୱାର, ୧୧।୧୨ (ଆଶୁତୋଷ ଦାସ)

ଚୌଦ୍ୱାର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ କୁକୁର କାମୁଡ଼ା ଇଞ୍ଜେକସନ ଆସିଥିବା ଜଣାପଡ଼ିଛି। ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡା. ରବୀନ୍ଦ୍ର କୁମାର ମହାପାତ୍ର କହିଛନ୍ତି, ଏଣିକି କୁକୁର କାମୁଡ଼ା ରୋଗୀମାନେ ଚୌଦ୍ୱାର ସ୍ୱାସ୍ଥ୍ୟକେନ୍ଦ୍ରରେ ଇଞ୍ଜେକସନ୍ ନେଇପାରିବେ। ପୂର୍ବରୁ ସ୍ଥାନୀୟ ଅଞ୍ଚଳର କୌଣସି ବ୍ୟକ୍ତିଙ୍କୁ କୁକୁର କାମୁଡ଼ିଲେ ଇଞ୍ଜେକସନ୍ ନେବା ପାଇଁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ଯିବାକୁ ପଡୁଥିଲା। ସେଠାରେ ଦୀର୍ଘ ସମୟ ଅପେକ୍ଷା କରିବା ସହ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ଚୌଦ୍ୱାର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କୁକୁର କାମୁଡା ଇଞ୍ଜେକସନ୍ ଉପଲବ୍ଧ କରାଇବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଆସିଥିଲେ। ଦାବି ପୂରଣ କରି ଚୌଦ୍ୱାର ସ୍ୱାସ୍ଥ୍ୟକେନ୍ଦ୍ରରେ ଉକ୍ତ ଇଞ୍ଜେକସନ୍ ଗଚ୍ଛିତ ରଖାଯାଇଥିବାରୁ ଅଞ୍ଚଳବାସୀଙ୍କ ତରଫରୁ ସ୍ୱାସ୍ଥ୍ୟ ବିଭାଗ ଓ ସରକାରଙ୍କୁ କୃତଜ୍ଞତା ଅର୍ପଣ କରାଯାଇଛି।

# କର୍କଟ ପୀଡ଼ିତ ଶିଶୁଙ୍କୁ ସହାୟତା ଦେଲେ ମୁଖ୍ୟମନ୍ତ୍ରୀ



ଚୌଦ୍ୱାର, ୧୧।୧୨ (ଆଶୁତୋଷ ଦାସ)

ଚୌଦ୍ୱାରସ୍ଥିତ ଓଟିଏମ୍ କଲୋନି ବାସିନ୍ଦା ବିଭୁଦେନ୍ଦ୍ର ପ୍ରତାପ ଦାସଙ୍କ କର୍କଟ ପୀଡ଼ିତା ଶିଶୁକନ୍ୟାର ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ଓଟିଏମ୍‌ର ଶ୍ରମିକ ବିଜୟ କେତନ ଦାସଙ୍କ ନାତୁଣୀ ତେଜସ୍ୱିନୀ ୧୫ ମାସର ହୋଇଥିବାବେଳେ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିଲେ। ଚିକିତ୍ସା ଲାଗି ତାଙ୍କୁ ଭୁବନେଶ୍ୱରସ୍ଥିତ ଏମ୍‌ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଆର୍ଥିକ ଅନଟନ ହେତୁ ଶିଶୁକନ୍ୟାଙ୍କ ଚିକିତ୍ସା ତ ଦୂରର କଥା ଔଷଧ ଓ ଆନୁଷଙ୍ଗିକ ଖର୍ଚ୍ଚ ତୁଲାଇବା ତାଙ୍କ ପରିବାର ଲୋକଙ୍କ ପକ୍ଷରେ କଷ୍ଟକର ଥିଲା। ତେଣୁ ସେମାନେ ଅସହାୟ ହୋଇପଡିଥିଲେ। ଶନିବାର ଓଟିଏମ୍ ଶ୍ରମିକ ସଙ୍ଗଠନର ଶ୍ରମିକମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବାକୁ ଯାଇଥିବାବେଳେ ତେଜସ୍ୱିନୀର ଚିକିତ୍ସା ପାଇଁ ସହାୟତା ପ୍ରଦାନ କରିବା ନିମନ୍ତେ ବିଜୟ କେତନ ଏକ ନିବେଦନ ପତ୍ର ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ଉକ୍ତ ପତ୍ର ଗ୍ରହଣ କରି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ସୋମବାର ୧ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ସ୍ଥାନୀୟ ବିଧାୟକ ସୌଭିକ୍ ବିଶ୍ୱାଳ ସୋମବାର ସନ୍ଧ୍ୟାରେ ବିଜୟ କେତନଙ୍କ ଘରେ ପହଞ୍ଚି ଏ ସମ୍ପର୍କିତ ମୁଖ୍ୟମନ୍ତ୍ରୀଙ୍କ ପତ୍ର ତାଙ୍କୁ ପ୍ରଦାନ କରିଥିଲେ। ଉକ୍ତ ଅର୍ଥ ବିଭୁଦେନ୍ଦ୍ରଙ୍କ ବ୍ୟାଙ୍କ ଜମାଖାତାକୁ ଯାଇଥିବା ବିଧାୟକ ସୂଚନା ଦେଇଥିଲେ। ଏଥିପାଇଁ ବିଧାୟକ ବିଶ୍ୱାଳ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଓ ବିଜୟ କେତନଙ୍କ ପରିବାର ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ରାଜ୍ୟସ୍ତରୀୟ ଉଇଣ୍ଟର ଫେଷ୍ଟିଭାଲ

## ମନ ମୋହିଲା ଦଳଗତ ନୃତ୍ୟ

କଟକ, ୧୧।୧୨ (ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଗାନ୍ଧୀ ଭବନଠାରେ ଅଭିପ୍‌ସା ଅନୁଷ୍ଠାନର ୨୬ ତମ ରାଜ୍ୟସ୍ତରୀୟ ଉଇଣ୍ଟର ଫେଷ୍ଟିଭାଲ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅଭିପ୍‌ସାର ପ୍ରତିଷ୍ଠାତା ସମ୍ପାଦକ ଏସ୍.କେ. ନାୟକ ଉଦ୍‌ଘାଟନ କରିଥିଲେ। ଏଥିରେ ଅତିଥି ଭାବେ ସୁଲତା ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷା ସୁଲତା ପଣ୍ଡା, ମା' ସରସ୍ୱତୀ ଶିଶୁ ଶିକ୍ଷାମନ୍ଦିରର ଅଧ୍ୟକ୍ଷା କନକ ମହାପାତ୍ର ଯୋଗଦେଇଥିଲେ। ଏହ ଉପଲକ୍ଷେ ଆୟୋଜିତ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତାରେ କଟକ ସମେତ ବିଭିନ୍ନ ଜିଲାର ପ୍ରତିଯୋଗୀ ଯୋଗଦେଇଥିଲେ। ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବାଦାମବାଡ଼ି ନ୍ୟୁ କଲୋନି ହାଇସ୍କୁଲର ଛାତ୍ରୀମାନେ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ପରେ ସେମାନଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା।

# 'ମାନବୀୟ ମୂଲ୍ୟବୋଧ ସମାଜ ପାଇଁ ଉପାଦେୟ'

କଟକ, ୧୧।୧୨ (ସୁପ୍ରିୟା ପ୍ରିୟଦର୍ଶିନୀ)

ଅଭିରାମ ସାରସ୍ୱତ ପରିଷଦ ଓ ପୌର୍ଣ୍ଣମାସୀ ପାଠାଗାର ଆନୁକୂଲ୍ୟରେ ସ୍ଥାନୀୟ ରାମଚନ୍ଦ୍ର ଭବନଠାରେ ଆଦ୍ୟ ଆଚାର୍ଯ୍ୟ ବୈକୁଣ୍ଠ ନାଥ ଦାସଙ୍କ ସ୍ମୃତି ଉପଲକ୍ଷେ ଜାତୀୟ ଆଲୋଚନାଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ବାବାଜୀ ସଦାନନ୍ଦ ଦାସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଡ. ନିରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଅଧିବେଶନରେ ମୁଖ୍ୟ ଅତିଥି ଭାବରେ ପ୍ରଫେସର ସନତ କୁମାର ଦାସ ପଟ୍ଟନାୟକ ଏବଂ ଅଧିବକ୍ତା ପ୍ରଫେସର ଏସ୍.ଏମ୍. ମିଶ୍ର ଯୋଗଦେଇଥିଲେ। ପରିଷଦ ପକ୍ଷରୁ ପ୍ରକାଶିତ ଗବେଷଣାମୂଳକ ପୁସ୍ତକ ସମର୍ପଣ ଲୋକାର୍ପିତ ହୋଇଥିଲା। ଏହି ଅବସରରେ ପରିଷଦ ପକ୍ଷରୁ ଆଇନଜୀବୀ ପ୍ରଦୀପ୍ତ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ଅଧିବେଶନରେ ପ୍ରଫେସର ରବୀନ୍ଦ୍ରନାଥ ମିଶ୍ର ସଭାପତିତ୍ୱ କରିଥିଲେ। ଏଥିରେ ପ୍ରଫେସର ସତୀନ୍ଦ୍ର ରାଉଳ ଯୋଗଦେଇ ସାହିତ୍ୟରେ ମାନବୀୟ ମୂଲ୍ୟବୋଧର ଆବଶ୍ୟକତା ଆମ ସମାଜ ପାଇଁ ଉପାଦେୟ ବୋଲି କହିଥିଲେ। ପାଠାଗାର ସଭାପତି ପ୍ରଣବ କୁମାର ମହାପାତ୍ର ଅତିଥିଙ୍କୁ ସ୍ୱାଗତ, ଅଧ୍ୟାପକ ବିକାଶ ଆଚାର୍ଯ୍ୟ ବିବରଣୀ ପାଠ କରିଥିଲେ। ପରିଷଦର ମ୍ୟାନେଜିଂ ଟ୍ରଷ୍ଟି ଶରତ କୁମାର ନାୟକ ଓ ଅନନ୍ତ କୁମାର ମହାରଣା ଧନ୍ୟବାଦ ଦେଇଥିଲେ। ଡ. ସୋନମ ଅଗ୍ରୱାଲ, ଅଶୋକ ବିଶ୍ୱାଳ, ରବୀନ୍ଦ୍ର ସୁତାର, ନଟବର ସ୍ୱାଇଁ, କମଳାକାନ୍ତ ଖଟୁଆ ଓ ବାବାଜୀ ହରେକୃଷ୍ଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।





ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ଅଧକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖ ଲନ୍‌ରେ ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# 'ଯୁବପିଢ଼ି ଭାରତୀୟ ଭାଷାକୁ ଆପଣାନ୍ତୁ'

## ଭାରତୀୟ ଭାଷା ଦିବସ ପାଳିତ

କଟକ, ୧୧।୧୨ (ଶିଳ୍ପା ପ୍ରିୟଦର୍ଶିନୀ/ ସୁପ୍ରିୟା ପ୍ରିୟଦର୍ଶିନୀ)





ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

କଟକସ୍ଥିତ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ପରିସରରେ ଭାରତୀୟ ଭାଷା ଦିବସ ପାଳିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷା ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳ ଅଧ୍ୟକ୍ଷତା କରି କହିଛନ୍ତି, ସ୍ୱାଧୀନତା ସଂଗ୍ରାମୀ ସି. ସୁବ୍ରମଣି ଭାରତୀଙ୍କ ପ୍ରତ୍ୟେକ କଥାକୁ ଯୁବପିଢି ଅନୁସରଣ କରନ୍ତୁ। ଏଥିସହ ସେମାନେ ଭାରତୀୟ ଭାଷାକୁ ଆପଣେଇବା ଦରକାର। ଫଳରେ ଏକ ସ୍ୱଚ୍ଛ ସମାଜ ଗଠନ ହୋଇପାରିବ। ଏହି ଅବସରରେ ଛାତ୍ରୀମାନଙ୍କ ମଧ୍ୟରେ ଭାଷାଗତ ଜାତୀୟତା ଭାବର ଅଭିବୃଦ୍ଧିକୁ ନେଇ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଡ. ସୁଶାନ୍ତ କୁମାର ବିଶ୍ୱାଳ, ମମତାରାଣୀ ସାହୁ, ନରେନ୍ଦ୍ରନାଥ ନାୟକ, ବିକାଶ କୁମାର ମହାଣା, ମେନକାରାଣୀ ସାହୁ ଓ ସୌମ୍ୟା ସୋମାଲିକା ବିଚାରକ ଭାବେ ଯୋଗଦେଇଥିଲେ। ସେହିପରି ଖାନ୍‌ନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାରତୀୟ ଭାଷା ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଷଡଙ୍ଗୀଙ୍କ ନିର୍ଦ୍ଦେଶରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଭିନ୍ନ ଭିନ୍ନ ଭାଷାରେ ପ୍ରବନ୍ଧ ଲିଖନ, ଅନ୍ତାକ୍ଷରୀ, ଚିତ୍ରାଙ୍କନ, କବିତା ଆବୃତ୍ତି ଏବଂ ବହୁଭାଷୀ ନୃତ୍ୟ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଯୋଗଦେଇ ଭାରତୀୟ ଭାଷାର ବିବିଧତା ମଧ୍ୟରେ ଏକତା ସମ୍ପର୍କରେ ଆଲୋକପାତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ସଂକ୍ଷେପରେ

### ସମୁଦ୍ରରେ ନିଖୋଜ ନାବାଳକଙ୍କ ମୃତଦେହ ମିଳିଲା

ପୁରୀ, ୧୧।୧୨(ଅଜିତ୍ ମହାନ୍ତି)

ପୁରୀ ସମୁଦ୍ରରେ ରବିବାର ଗାଧୋଉଥିବା ବେଳେ ଜଣେ ନାବାଳକ ପର୍ଯ୍ୟଟକ ଭାସିଯାଇ ନିଖୋଜ ଥିଲେ। ସୋମବାର ପେଣ୍ଠକଟା ବେଳାଭୂମି ନିକଟରୁ ତାଙ୍କର ମୃତଦେହ ମିଳିଛି। ସମ୍ପୃକ୍ତ ନାବାଳକ ହେଉଛନ୍ତି ବିହାରର ବକ୍ସର ଜିଲା ଆମୀରପୁର ଗାଁର ୧୩ ବର୍ଷୀୟ ଆର୍ଯ୍ୟନ୍ ରାଜ୍। ତାଙ୍କ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଆର୍ଯ୍ୟନ୍ ପରିବାର ସହ ପୁରୀ ବୁଲିବାକୁ ଆସିଥିଲେ। ରବିବାର ଅପରାହ୍ନରେ ସେ ପରିବାର ସହ ଯାଇ ସମୁଦ୍ରରେ ଗାଧୋଉଥିଲେ। ଏହି ସମୟରେ ହଠାତ୍ ଏକ ଲହଡ଼ି ମାଡ଼ରେ ସମୁଦ୍ର ଭିତରକୁ ଭାସିଯାଇଥିଲେ। ଲାଇଫଗାର୍ଡ ଓ ଅଗ୍ନିଶମବାହିନୀ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ଠାବ କରିପାରି ନ ଥିଲେ।

### ବରିଷ୍ଠ ଖବରଦାତା ପ୍ରଶାନ୍ତ ମହାପାତ୍ରଙ୍କ ପରଲୋକ



ପୁରୀ,୧୧।୧୨ (ଅଜିତ୍ ମହାନ୍ତି): 'ପାଓନିୟର' ଖବରକାଗଜର ବରିଷ୍ଠ ଖବରଦାତା ପ୍ରଶାନ୍ତ ମହାପାତ୍ରଙ୍କର ସୋମବାର ପୁରୀର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା। ସେ ବ୍ରେନ୍ ଷ୍ଟ୍ରୋକ କାରଣରୁ ଦୀର୍ଘ ୬ବର୍ଷ ଧରି ଶଯ୍ୟାଶାୟୀ ଥିଲେ। ଶେଷ ସମୟରେ ସହଧର୍ମିଣୀ ସନ୍ଧ୍ୟା ମହାପାତ୍ର, ଝିଅ, ଜ୍ୱାଇଁ, ପରିବାରବର୍ଗ ଏବଂ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ। ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଶବାଧାରରେ ମାଲ୍ୟାର୍ପଣ କରିଥିବା ବେଳେ ପୁତୁରା ଗୁରୁଦତ୍ତ ମହାପାତ୍ର, ଝିଅ ପ୍ରିୟଙ୍କା ଓ ପ୍ରଜ୍ଞା ମୁଖାଗ୍ନି ଦେଇଥିଲେ। ସାମ୍ବାଦିକତା କ୍ଷେତ୍ରରେ ଦକ୍ଷତା, ନିଷ୍ଠା ଓ ସ୍ୱଚ୍ଛତା ବିଶେଷକରି ପୁରୀର ବିକାଶ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତିର ସୁରକ୍ଷା ପାଇଁ ପ୍ରଶାନ୍ତ ସ୍ମରଣ ରହିବେ ବୋଲି ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ କହିଛନ୍ତି। ମହାପାତ୍ରଙ୍କ ମୃତ୍ୟୁରେ ଜିଲାପାଳ ସମର୍ଥ ବର୍ମା ଗଭୀର ଦୁଃଖ ପ୍ରକାଶ କରିବା ସହ ତାଙ୍କ ଆତ୍ମାର ସଦ୍‌ଗତି କାମନା କରି ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ପୂର୍ବତନ ବିଧାୟକ ଉମାବଲ୍ଲଭ ରଥଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

### ଜିଲାସ୍ତରୀୟ ଅଭିଯୋଗ ଶୁଣାଣି

ପୁରୀ, ୧୧।୧୨(ଅଜିତ୍ ମହାନ୍ତି):

ପୁରୀ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୋମବାର ଅତିରିକ୍ତ ଜିଲାପାଳ (ପ୍ରଶାସନ)ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୮ଟି ଅଭିଯୋଗ ମିଳିଥିଲା। ଅଭିଯୋଗଗୁଡ଼ିକର ଅନୁଧ୍ୟାନ କରି ଯଥାଶୀଘ୍ର ପଦକ୍ଷେପ ନେବାକୁ ବିଭିନ୍ନ ବିଭାଗକୁ ପଠାଯାଇଛି। କାର୍ଯ୍ୟକ୍ରମରେ ଉପଜିଲାପାଳ ଭବତାରଣ ସାହୁ, ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ପ୍ରିୟଦର୍ଶିନୀ ମଲ୍ଲିକ, ଜିଲା ଜରୁରୀକାଳୀନ ଅଧିକାରୀ ଆଶୁତୋଷ ଦେ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିରରେ ଦେବଦୀପାବଳି ଆରମ୍ଭ

ପୁରୀ, ୧୧।୧୨(ଅଜିତ ମହାନ୍ତି):



ମାର୍ଗଶିର ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ସୋମବାରଠାରୁ ଶ୍ରୀମନ୍ଦିରରେ ଦେବଦୀପାବଳି ନୀତି ଆରମ୍ଭ ହୋଇଛି। ଏହା ୩ଦିନ ଧରି ଚାଲିବ। ଏହି ସମୟରେ ମହାପ୍ରଭୁ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିବା ସହ ଶ୍ରାଦ୍ଧ ଦେବେ। ସୋମବାର ପ୍ରଥମ ଦିନରେ ସନ୍ଧ୍ୟା ଧୂପ ନୀତି ବଢ଼ିବା ପରେ ଅଦିତି ଓ କଶ୍ୟପଙ୍କ ଉଦ୍ଦେଶ୍ୟରେ ମହାପ୍ରଭୁ ଦୀପ ଦାନ କରିବା ସହ ଶ୍ରାଦ୍ଧ ଦେଇଛନ୍ତି। ଦ୍ୱିତୀୟ ଦିନ ମଙ୍ଗଳବାର ଅମାବାସ୍ୟା ତିଥିରେ ଦଶରଥ ଓ କୌଶଲ୍ୟାଙ୍କ ଉଦ୍ଦେଶ୍ୟରେ ଏବଂ ତୃତୀୟ ଦିନ ଅର୍ଥାତ ପ୍ରତିପଦା ତିଥିରେ ବୁଧବାର ଦେବକୀ, ବସୁଦେବ, ନନ୍ଦ, ଯଶୋଦା, ମହାରାଜା ଇନ୍ଦ୍ରଦ୍ୟୁମ୍ନ ଏବଂ ଗୁଣ୍ଡିଚାରାଣୀଙ୍କୁ ମହାପ୍ରଭୁ ଦୀପଦାନ କରିବା ସହ ଶ୍ରାଦ୍ଧ ଦେବେ। ଏହି ଅବସରରେ ସୋମବାର ଶ୍ରୀବିଗ୍ରହମାନେ ଧଳାବସ୍ତ୍ର ପରିଧାନ ପୂର୍ବକ ଶ୍ରାଦ୍ଧବେଶ ଧାରଣ କରିଥିବାବେଳେ ଶ୍ରୀମନ୍ଦିରରେ ମହାଦୀପ ପ୍ରଜ୍ୱଳନ କରାଯାଇଥିଲା। ସନ୍ଧ୍ୟାଧୂପ ପରେ ପୁଷ୍ପାଳକ ସେବାୟତମାନେ ମହାପ୍ରଭୁଙ୍କୁ ଶ୍ରାଦ୍ଧବେଶରେ ନାଗପୁରୀ ଶାଢ଼ି ଚାଦରରେ ଭୂଷିତ କରାଇଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥ ୧୬ ହାତ, ଶ୍ରୀବଳଭଦ୍ର ୧୪ ହାତ ଏବଂ ଦେବୀ ସୁଭଦ୍ରା ୧୨ହାତ ଲମ୍ବ ବିଶିଷ୍ଟ ସୂତାଶାଢ଼ି ବା ନାଗପୁରୀ ଶାଢ଼ି ପରିଧାନ କରିଥିଲେ। ଶ୍ରାଦ୍ଧବେଶରେ ଠାକୁରମାନେ ତଡ଼ଗୀ, ନଳୀଭୂଜ, ଚନ୍ଦ୍ର, ସୂର୍ଯ୍ୟ, କୁଣ୍ଡଳୀ, ଆଡକାନି, ହରିଡ଼ା ମାଳି, କମରପଟି ପ୍ରଭୃତି ସ୍ୱର୍ଣ୍ଣ ଅଳଙ୍କାରରେ ବିଭୂଷିତ ହୋଇଥିଲେ। ସେହିପରି ସନ୍ଧ୍ୟାଧୂପ ନୀତି ବଢ଼ି ଧୋପଖାଳ ହେବା ପରେ ରତ୍ନସିଂହାସନ ତଳେ ଭଣ୍ଡାରମେକାପ ଚାଉଳରେ ଗୋଟିଏ ଗଛ ନିର୍ମାଣ କରିଥିଲେ। ପାଳିଆ ମେକାପ ଘୃତ ପୂର୍ଣ୍ଣକରି ଚାଉଳ ଗଛରେ ୨୮ଟି ବତି ବସାଇଥିଲେ। ତନ୍ମଧ୍ୟରୁ ଶ୍ରୀଜଗନ୍ନାଥଙ୍କ ନିମନ୍ତେ ୧୦, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ନିମନ୍ତେ ୯ଟି ଲେଖାଏ ଦୀପ ବସାଯାଇଥିଲା। ୩ଟି ସୁନା ଆଳତି ଲଗାଇବା ପରେ ପୂଜାପଣ୍ଡା ସେବକ ଚାଉଳଗଛ ଓ ଦୀପକୁ ସଂସ୍କାର କରିଥିଲେ।

### ଶ୍ରାଦ୍ଧବେଶରେ ତିନିଠାକୁର

ଏହାପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ସେବକମାନେ ସିଂହାସନ ଉପରକୁ ଉଠି ତିନିବାଡ଼ରେ ବନ୍ଦାପନା କରିବା ପରେ ତିନୋଟି ମହାଦୀପରେ ବନ୍ଦାପନା କରାଯାଇଥିଲା। ତତ୍ପରେ ୩ଜଣ ପୂଜାପଣ୍ଡା ମହାଦୀପଗୁଡ଼ିକୁ ହାତରେ ଧରି ଜୟବିଜୟ ଦ୍ୱାର ଭିତରପାଖକୁ ଆସିଥିଲେ। ସେଠାରେ ଆସ୍ଥାନ ପଢ଼ିଆରୀ କରିଥିବା ଚାଉଳ ଗଛକୁ ଜଣେ ପୂଜାପଣ୍ଡା ସଂସ୍କାର କରି ପାଣି ପକାଇଥିଲେ। ପରେ ସେହି ମହାଦୀପ କଳସଗୁଡ଼ିକୁ ପାଳିଆ ଚୂନରାଙ୍କୁ ଦିଆଯାଇଥିଲା। ଚୂନରା ସେବକ ବଡ଼ଓଡ଼ିଆ ମଠ ପ୍ରଦାନ କରିଥିବା ତେଲ ଓ ଘିଅ ନେଇ ଶ୍ରୀମନ୍ଦିରର ଅଁଳାବେଢ଼ା ଉପରେ ଦୀପମାନ ଜାଳିଥିଲେ। ଚନ୍ଦ୍ରଉଦିଆ ଜାଳି ଗଜପତି ମହାରାଜାଙ୍କୁ ମହାପ୍ରଭୁ ଶଙ୍ଖେ ପୂରାଇ ଚକ୍ରେ ଆଉଆଳ କରନ୍ତୁ ବୋଲି କହି ହରିବୋଲ ଡାକ ଦେଇଥିଲେ।

# ନୟାସବେରା ୟୁଥ୍ ଟ୍ରଷ୍ଟର ୪ର୍ଥ ବାର୍ଷିକୋତ୍ସବ



ଅତିଥିମାନଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା ୟୁଥ୍ ଟ୍ରଷ୍ଟର କର୍ମକର୍ତ୍ତା, ସଦସ୍ୟଗଣ।

ନିମାପଡ଼ା,୧୧।୧୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ାର ଅଗ୍ରଣୀ ସମାଜସେବୀ ଅନୁଷ୍ଠାନ ନୟାସବେରା ୟୁଥ୍ ଟ୍ରଷ୍ଟର ୪ର୍ଥ ବାର୍ଷିକୋତ୍ସବ, ସମ୍ବର୍ଦ୍ଧନା, ପୁରସ୍କାର ବିତରଣ ସମାରୋହ ଓ ସାଂସ୍କୃତିକ ଧମାକା ପୁରୁଣା ବସଷ୍ଟାଣ୍ଡ ନିକଟ ଗଜଲକ୍ଷ୍ମୀ ମଣ୍ଡପଠାରେ ଏକ ରଙ୍ଗାରଙ୍ଗ, ବର୍ଣ୍ଣାଢ୍ୟ ସନ୍ଧ୍ୟାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ଜିଲା ସଂସ୍କୃତି ବିଭାଗ ଅଧିକାରୀ ହେମନ୍ତ ବେହେରା, ଜିଲା ଚାଇଲ୍ଡ ପ୍ରୋଟେକ୍ସନ ଅଧିକାରୀ ମନୋଜ ତ୍ରିପାଠୀ, ବିଶିଷ୍ଟ ହୃଦ୍‌ରୋଗୀ ବିଶେଷଜ୍ଞ ଡା. ବନବିହାରୀ ମିଶ୍ର, ସାମାଜିକ କର୍ମୀ ଡ. ନେତ୍ରାନନ୍ଦ ଭୋଇ, ପୋଲିସ ଏସ୍‌ଡିପିଓ ପ୍ରଭାତ ମଲ୍ଲିକ, ଆଇଆଇସି ବାମଦେବ ସ୍ୱାଇଁ, ନିମାପଡ଼ା କଲେଜ ପରିଚାଳନା କମିଟି ସଭାପତି ଶିକ୍ଷାବିତ୍ ଜଗତ ପ୍ରସାଦ ସାବତ୍ ପ୍ରମୁଖ ଯୋଗଦେଇ ଏହି ଟ୍ରଷ୍ଟର ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିବାବେଳେ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏହି ଅବସରରେ ଜିଲାସ୍ତରୀୟ ନୃତ୍ୟ, ସଙ୍ଗୀତ, ବକ୍ତୃତା ପ୍ରତିଯୋଗିତାରେ ୩୬ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ସମ୍ବର୍ଦ୍ଧନା ସମାରୋହରେ ୪ଜଣ ବରିଷ୍ଠ ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ୧୩ଜଣ ବିଶିଷ୍ଟ ସାମାଜିକ କର୍ମୀ, ମଞ୍ଚାସୀନ ଅତିଥିଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର, ଉତ୍ତରୀୟ ପ୍ରଦାନ କରାଯାଇ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ସାଂସ୍କୃତିକ ଧମାକାରେ ଓଡ଼ିଶାର ପ୍ରତିଷ୍ଠିତ ନୃତ୍ୟ, ସଙ୍ଗୀତ ଶିଳ୍ପୀ, ହାସ୍ୟ ଅଭିନେତାଙ୍କ ଦ୍ୱାରା ପରିବେଶିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିମୋହିତ କରିଥିଲା। ଟ୍ରଷ୍ଟ ଉପଦେଷ୍ଟା ଶିକ୍ଷାବିତ୍ ପ୍ରତାପ ଚନ୍ଦ୍ର ସାବୁତ ଉତ୍ସବରେ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ନିର୍ମଳ ପରିଜା ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟତମ ଉପଦେଷ୍ଟା ଜୀବନଜ୍ୟୋତି ଶତପଥୀ, ସଭାପତି ବିଶ୍ୱରଞ୍ଜନ ତ୍ରିପାଠୀ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଘୋଷକ ଭାବେ ପ୍ରଦୀପ୍ତ ସ୍ୱାଇଁ, ସୁଶ୍ରୀ ସୁଲଗ୍ନା ସାହୁ ଉତ୍ସବରେ ସଂଯୋଜନା ଓ ଉପସ୍ଥାପନା କରିଥିଲେ।



ଫୁଟପାଥ୍‌ରେ କ୍ଷୁଦ୍ର ବ୍ୟବସାୟ କରିବା ପାଇଁ ଥଇଥାନ ଦାବିରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱସ୍ଥ ଉତ୍ତରଦ୍ୱାର ସତ୍ୟନାରାୟଣ ଉଠାଦୋକାନୀ କ୍ଷୁଦ୍ର ବ୍ୟବସାୟୀ ସଂଘ ପକ୍ଷରୁ ସୋମବାର ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ସଂଘର ସଦସ୍ୟମାନେ ।

## ସରକାରୀ ବିନିଯୋଗ ପ୍ରମାଣପତ୍ର ପ୍ରଦାନ ଉପରେ ଗୁରୁତ୍ୱ

ପୁରୀ, ୧୧।୧୨(ଅଜିତ୍ ମହାନ୍ତି):

ପୁରୀ ଜିଲାସ୍ତରୀୟ ଟ୍ରାଙ୍ଗୁଲାର କମିଟି ବୈଠକ ସୋମବାର ସର୍କିଟ ହାଉସରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ କହିଥିଲେ, ସରକାର ପ୍ରଦାନ କରୁଥିବା ଅର୍ଥର ସୁବିନିଯୋଗ ଓ ବିନିଯୋଗ ପ୍ରମାଣପତ୍ର ନିୟମ ଅନୁସାରେ ପ୍ରଦାନ ଏକ ବିଧି ସମ୍ମତ କାର୍ଯ୍ୟ। ତେବେ ଏହା ଠିକ ଭାବେ କାର୍ଯ୍ୟକାରୀ ହେଉଛି ନା ନାହିଁ ତାହାର ଅନୁଧ୍ୟାନ ଟ୍ରାଙ୍ଗୁଲାର କମିଟି କରିଥାଏ। ଏହି କମିଟି ବିଭିନ୍ନ ଆର୍ଥିକ ଅସଙ୍ଗତିକୁ ଅନୁଧ୍ୟାନ ସହ ଏହାର ତ୍ରୁଟି ସୁଧାରିବାକୁ ପରାମର୍ଶ ଦେଇଥାଏ। ତେଣୁ ବିଭିନ୍ନ କାର୍ଯ୍ୟାଳୟର ଅଡିଟ ଆପତ୍ତିଗୁଡ଼ିକୁ ଟ୍ରାଙ୍ଗୁଲାର କମିଟିରେ ଉପସ୍ଥାପନ କରାଇ ମୀମାଂସା କରାଇ ନେବାକୁ ସାହୁ ପରାମର୍ଶ ଦେଇଥିଲେ। ବୈଠକରେ ବରିଷ୍ଠ ପ୍ରଶାସନିକ ଅଧିକାରୀ (ଅଡିଟ) ଦିଲ୍ଲୀପ କୁମାର ଦାସ, ସେକ୍ସନ ଅଫିସର ଶଶାଙ୍କ ଶେଖର ମିଶ୍ର, ବରିଷ୍ଠ ଅଡିଟ ଅଧିକାରୀ ଦୁଃଶାସନ ସ୍ୱାଇଁ ପ୍ରମୁଖ ଆପତ୍ତି ଥିବା ଅଡିଟ ପାରାଗୁଡିକ ଅନୁଧ୍ୟାନ କରି ତାହାର ସମାଧାନ କରିବାକୁ ପରାମର୍ଶ ଦେଇଥିଲେ।

## ବିଶ୍ୱ ମାନବିକ ଅଧିକାର ଦିବସରେ ସଚେତନତା କାର୍ଯ୍ୟକ୍ରମ




ରେଡିଓ ନମସ୍କାର ପକ୍ଷରୁ ଆୟୋଜିତ ସଚେତନତା ଶୋଭାଯାତ୍ରା ।

କୋଣାର୍କ,୧୧।୧୨(ଜ୍ୟୋତିରାଜ ମହାନ୍ତି)

ବିଶ୍ୱ ମାନବାଧିକାର ଦିବସ ଅବସରରେ ଓଡ଼ିଶାର ପ୍ରଥମ ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ନମସ୍କାର ପକ୍ଷରୁ ଆୟୋଜିତ ସଚେତନତା କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଛି। ସରକାରୀ ଉଚ୍ଚ ବିଦ୍ୟାଳୟ, କୋଣାର୍କ ପରିସରରେ ଶତାଧିକ ଛାତ୍ରୀଛାତ୍ରଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଇଶାନେଶ୍ୱର ମନ୍ଦିର ପ୍ରାଙ୍ଗଣରେ କୁରୁଜଙ୍ଗ ଗ୍ରାମପଞ୍ଚାୟତର ୧୦୦ରୁ ଉର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ। ଅତିଥି ଭାବେ ପୁରୀ ଜିଲା ଶିକ୍ଷା ଅଧିକାରୀ ଡ. ବିଶ୍ୱଜିତ୍ ଘୋଷ, ସାମାଜିକ କର୍ମୀ ସେବୀ ଏବଂ ଶିକ୍ଷାବିତ୍ ରାମକୃଷ୍ଣ ମହାନ୍ତି ରେଡିଓ ନମସ୍କାର କାର୍ଯ୍ୟନିର୍ବାହୀ ଅଧିକାରୀ ରୋଜାଲିନ୍ ପ୍ରଧାନ, କାର୍ଯ୍ୟକ୍ରମ ସଂଯୋଜକ ଅନୁପ ସାହୁ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ର ଏବଂ ମହିଳାଙ୍କୁ ମାନବ ଅଧିକାର ଦିବସର ଗୁରୁତ୍ୱ, ବିଭିନ୍ନ ମାନବିକ ଅଧିକାର, ଘରୋଇ ହିଂସା, ସାମାଜିକ ସୁରକ୍ଷା ଓ ବାଲ୍ୟବିବାହ, ଶିଶୁସୁରକ୍ଷା, ଶିଶୁ ଶ୍ରମିକ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ପରେ ମହିଳାଙ୍କୁ ନେଇ ଏକ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ରେଡିଓ ନମସ୍କାରର ଏହି କାର୍ଯ୍ୟକ୍ରମକୁ ମହିଳାମାନେ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମକୁ ମହାସଂଘ ସଭାନେତ୍ରୀ ଝରଣା ପରିଡ଼ା, ରେଡିଓ ନମସ୍କାର କର୍ମକର୍ତ୍ତା ବର୍ଷାରାଣୀ ବିଶ୍ୱାଳ, ପ୍ରିୟଙ୍କା ଲେଙ୍କା, ସୁଜିତ୍ ବେହେରା, ରୁବି ଓଝା, ମମତା ଗୁରୁ, ଗୌରୀ ସ୍ୱାଇଁ, ଚାରୁଲତା ବାଘ ପ୍ରମୁଖ ପରିଚାଳନା କରିଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ



ଉତ୍ସବରେ ମଞ୍ଚାସୀନ ଅତିଥି ।

ଚାରିଛକ,୧୧।୧୨(ଶିଶିର ସ୍ୱାଇଁ)

ପୁରୀ ଜିଲା ଚାରିଛକଠାରେ ଥିବା ସରସ୍ୱତୀ ଶିଶୁ ମନ୍ଦିରର ୧୭ତମ ବାର୍ଷିକ କ୍ରୀଡ଼ା ଉତ୍ସବ ସୋମବାର ସମ୍ପାଦକ ବିଜୟ ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ ଯୋଗଦେଇ କ୍ରୀଡ଼ା ଉତ୍ସବକୁ ଆରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ଚକ୍ରଧର କରଣ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରକାଶ ମିଶ୍ର, ରଶ୍ମିରଞ୍ଜନ ତ୍ରିପାଠୀ, ମାନସ ରଞ୍ଜନ ବାରିକ ପରିଚାଳନା କରିଥିଲେ। କ୍ରୀଡ଼ାରେ ଶିଶୁ ମନ୍ଦିରର କୁନି କୁନି ପିଲାମାନେ ବିଭିନ୍ନ ପ୍ରକାର ଖେଳରେ ଭାଗନେଇଥିଲେ। ଅନୁଷ୍ଠାନର ସାଗର ଭୋଇ, ଅଭିମନ୍ୟୁ ଭୋଇ, ସନ୍ତୋଷ ବେହେରା, ସନ୍ତୋଷ ଦାସ, ଶୁଭଶ୍ରୀ ଜେନା, ଚିନ୍ମୟୀ ନାୟକ, ରାଜଶ୍ରୀ ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ମୁଖ୍ୟ ଅତିଥି ଶିଶୁ ମନ୍ଦିରର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ଆନନ୍ଦ ବଜାରରୁ ହଟିବ ଜରିପାଲ

ପୁରୀ,୧୧।୧୨(ଅଜିତ ମହାନ୍ତି):

ଶ୍ରୀମନ୍ଦିର ଆନନ୍ଦବଜାରରେ ଶୃଙ୍ଖଳା ଆଣିବା ପାଇଁ ସୋମବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଆନନ୍ଦ ବଜାର ଶୃଙ୍ଖଳା ସବ୍‌କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ଆନନ୍ଦ ବଜାରରୁ ଜରିପାଲ ହଟାଯାଇ ଦୋକାନଗୁଡ଼ିକର ସ୍ଥାୟୀ ଶେଡ୍ ନିର୍ମାଣ କରାଯିବ। ଏଣେତେଣେ ବସି ମହାପ୍ରସାଦ ବିକ୍ରି ଉପରେ କଟକଣା ଲାଗିବ। ଭକ୍ତଙ୍କ ମହାପ୍ରସାଦ ସେବନ ପାଇଁ ସ୍ୱତନ୍ତ୍ର ସ୍ଥାନ ରହିବ। ସେହିପରି ମହାପ୍ରସାଦ ଦର ତାଲିକା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି।

### ଶୃଙ୍ଖଳା ସବ୍‌କମିଟି ବୈଠକ

ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦାସ କହିଛନ୍ତି, ଦୀର୍ଘଦିନ ହେବ ଆନନ୍ଦବଜାରରେ ଶୃଙ୍ଖଳା ଆଣିବା ନେଇ ଯେଉଁ ବିଭିନ୍ନ ପଦକ୍ଷେପ ନିଆଯାଉଛି ତାହାକୁ ଚୂଡ଼ାନ୍ତ ରୂପରେଖ ଦେବା ପାଇଁ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ଆନନ୍ଦ ବଜାରରେ ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ପଲିଥିନ ହଟାଯାଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଆନନ୍ଦବଜାରରେ ଯେଉଁ ସ୍ଥାନ ଯାହାଙ୍କୁ ଦିଆଯାଇଛି, ସେ ସେହି ସ୍ଥାନରେ ମହାପ୍ରସାଦ ବିକ୍ରି କରିବେ। କୋଇଲି ବୈକୁଣ୍ଠ ଏବଂ ଅନ୍ୟାନ୍ୟ ସ୍ଥାନରେ ମହାପ୍ରସାଦ ବିକ୍ରି ଉପରେ କଟକଣା ଲାଗୁ କରାଯାଇଛି। ଭକ୍ତମାନେ ନିର୍ଦ୍ଧାରିତ ସ୍ଥାନରେ ପ୍ରସାଦ ସେବନ କରିବେ। ପାଳିଆମାନେ ସକାଳ ଧୂପ ଓ ଅନ୍ୟ ଧୂପରେ ମହାପ୍ରସାଦ ଆଣି କିଛି ସମୟ ପାଇଁ ବିକ୍ରି କରୁଛନ୍ତି, ତେଣୁ ସେମାନଙ୍କ ଲାଗି ସ୍ୱତନ୍ତ୍ର ସ୍ଥାନ ବ୍ୟବସ୍ଥା କରାଯିବ। ଏ ନେଇ ସହଯୋଗ ନିମନ୍ତେ ସୁଆର ମହାସୁଆର ନିଯୋଗ କର୍ମକର୍ତ୍ତାଙ୍କୁ ଅନୁରୋଧ କରାଯାଇଛି। ସେହିପରି ମହାପ୍ରସାଦ ଦର ନିର୍ଦ୍ଧାରଣ କରିବା ପାଇଁ ନିଯୋଗକୁ କୁହାଯାଇଛି। ନିଯୋଗ ଦର ତାଲିକା ଦେବା ପରେ ଆଲୋଚନା କରାଯାଇ ଦର ଚୂଡ଼ାନ୍ତ କରାଯିବ ବୋଲି ଦାସ କହିଛନ୍ତି।

# ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଡେଲାଙ୍ଗ,୧୧।୧୨(ରଶ୍ମିରଞ୍ଜନ ପ୍ରଧାନ):

ଡେଲାଙ୍ଗ ବ୍ଲକ ଅଧୀନ ଇନ୍ଦିପୁରସ୍ଥିତ ଆଚାର୍ଯ୍ୟ ହରିହର ସ୍ମୃତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୋମବାର ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଛନ୍ତି। ବିଦ୍ୟାଳୟ ଅଧ୍ୟକ୍ଷ ଡ. କାହ୍ନୁଚରଣ ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମାବେଶରେ ବ୍ଲକ ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ସ୍ଥାନୀୟ ସରପଞ୍ଚ ପ୍ରମିଳା ସେନାପତି, ସମିତି ସଭ୍ୟା ଭାଗ୍ୟଲକ୍ଷ୍ମୀ ବେହେରା, କାର୍ଯ୍ୟକ୍ରମର ନୋଡାଲ ଅଫିସର ଅଧ୍ୟାପକ ତ୍ରିନାଥ ସାହୁ, ଆତ୍ମାର ଅଧ୍ୟକ୍ଷା ମିନତି ସେନାପତି, ଶୈଳେନ୍ଦ୍ର ସେନାପତି, ଶିକ୍ଷା ବିଭାଗ ଅଧ୍ୟାପିକା ଝରଣାବାଳା ରଥ ପ୍ରମୁଖ ଉପସ୍ଥିତ ଥିଲେ। କଲେଜ ଛାତ୍ରୀଛାତ୍ର ପାଠପଢ଼ା ସହିତ କଳା, କ୍ରୀଡ଼ା, ସଂସ୍କୃତି ଓ ସାମାଜିକ ସେବା ପ୍ରତିଯୋଗିତା କ୍ଷେତ୍ରରେ ଅଂଶଗ୍ରହଣ କରି ଭବିଷ୍ୟତ ଉଜ୍ଜ୍ୱଳମୟ କରିବା ଦିଗରେ ଅତିଥିମାନେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରକଳା, କବିତା ଅବୃତ୍ତି, ତର୍କ, ପ୍ରବନ୍ଧ ଲିଖନ, ଗଳ୍ପ ଲିଖନ, ଝୋଟି, ସଙ୍ଗୀତ, ନୃତ୍ୟ, ପାରମ୍ପରିକ ଖାଦ୍ୟ ରନ୍ଧନ, ଏକକ ଅଭିନୟ, କ୍ଷୁଦ୍ର ଚଳଚ୍ଚିତ୍ର, ଦୌଡ଼, ଲମ୍ଫଡିଆଁ, ଜାଭେଲିନ୍, ବ୍ୟାଡ୍‌ମିଣ୍ଟନ, ଖୋଖୋ, କ୍ରିକେଟ ପ୍ରଭୃତି ପ୍ରତିଯୋଗିତା କରାଯିବ। ଏହା ଜରିଆରେ ଛାତ୍ରୀଛାତ୍ର ଶିଶୁ ଶ୍ରମିକ ନିରାକରଣ, ନାରୀ ନିର୍ଯାତନା, ବାଲ୍ୟବିବାହ ଦୂରୀକରଣ ଦିଗରେ ସଚେତନତାର ବାର୍ତ୍ତା ବାଣ୍ଟିବେ। ଅଧ୍ୟାପକ ପୂର୍ଣ୍ଣାନନ୍ଦ ବେହେରା, ବୈକୁଣ୍ଠ ବିହାରୀ ସାହୁ, ନିରଞ୍ଜନ ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତା ଓ ସଚେତନତା କାର୍ଯ୍ୟକ୍ରମ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ରହିଛି।




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

# ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ଆହ୍ୱାନ

ସାକ୍ଷୀଗୋପାଳ,୧୧।୧୨
(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)

ରାଜ୍ୟ ସରକାରଙ୍କ ଭ୍ରଷ୍ଟାଚାର ନୀତି, ଆମୂଳଚୂଳ ଦୁର୍ନୀତି, ଅଗଣତାନ୍ତ୍ରିକ ଶାସନ ବିରୋଧରେ ଭାଜପା ରଣହୁଙ୍କାର ଦେଇ ସାକ୍ଷୀଗୋପାଳରେ ଆନ୍ଦୋଳନକୁ ଓହ୍ଲାଇଛି। ଭାଜପା ସତ୍ୟବାଦୀ ମଣ୍ଡଳଶାଖା ପକ୍ଷରୁ ସୋମବାର ସାକ୍ଷୀଗୋପାଳରେ ଜନଆକ୍ରୋଶ ଆନ୍ଦୋଳନ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଭାଜପା ପୁରୀ ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଓମ୍ ପ୍ରକାଶ ମିଶ୍ର, ଭାରତୀୟ ପର୍ଯ୍ୟଟନ ନିଗମ ଅଧ୍ୟକ୍ଷ ଡ. ସମ୍ବିତ ପାତ୍ର, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ପୁରୀ ଜିଲା ପ୍ରଭାରୀ ଲେଖାଶ୍ରୀ ସାମନ୍ତସିଂହାର ଓ ଭାଜପା କୃଷକ ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ ପ୍ରମୁଖଙ୍କ ନେତୃତ୍ୱରେ ହଜାର ହଜାର ସଂଖ୍ୟାରେ ଦଳୀୟ କର୍ମୀ, ନେତା ରାଜ୍ୟ ସରକାରଙ୍କ ବିରୋଧରେ ବ୍ୟାନର ପ୍ଲାକାର୍ଡ ଧରି ସ୍ଥାନୀୟ ପଞ୍ଚସଖା ଖେଳପଡ଼ିଆଠାରୁ ଏକ ଶୋଭାଯାତ୍ରାରେ ସାକ୍ଷୀଗୋପାଳ ବଜାର ପରିକ୍ରମା କରି ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ବ୍ଲକ କାର୍ଯ୍ୟାଳୟ ପରିସରରେ ଜୟପୁର ପଞ୍ଚାୟତ ସମିତି ସଭ୍ୟ ଦୀପକ ଶତପଥୀଙ୍କ ସଭାପତିତ୍ୱରେ ଏକ ଜନ ଆକ୍ରୋଶ ସଭାରେ ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ। ଭାରତୀୟ ପର୍ଯ୍ୟଟନ ନିଗମ ଅଧ୍ୟକ୍ଷ ଡ. ସମ୍ବିତ ପାତ୍ର ଉପସ୍ଥିତ ଜନସାଧାରଣଙ୍କୁ ଶପଥ ପାଠ କରାଇଥିଲେ। କେନ୍ଦ୍ର ସରକାରଙ୍କ ଦୁର୍ନୀତି ବିରୋଧୀ କାର୍ଯ୍ୟାନୁଷ୍ଠାନ ଇଡି, ସିବିଆଇ ଓ ଆୟକର ଚଢ଼ାଉ ଜାରି ରହିବ ବୋଲି ପାତ୍ର ସଭାରେ ଘୋଷଣା କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମିଶ୍ର ସତ୍ୟବାଦୀ ବ୍ଲକରେ ଚାଲୁଥିବା ଅନିୟମିତତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବିଜେଡି କର୍ମୀଙ୍କୁ ଆବାସ ପ୍ରଦାନ କରିବା, ସରକାରଙ୍କ ଅପାରଗତା ଯୋଗୁ କୋଟି ଟଙ୍କା ଫନି ସହାୟତା ଫେରିଯିବା ଓ ମୋ ଓଡ଼ିଶା ଓ ନବୀନ ଓଡ଼ିଶା ଯୋଜନାରେ ଆସିଥିବା ଅର୍ଥ ହରିଲୁଟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ରାଉଳ, ରତିକାନ୍ତ ମିଶ୍ର, ସୁରେନ୍ଦ୍ର ପ୍ରଧାନ, ଉମେଶଚନ୍ଦ୍ର ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।




ସଭାରେ ଯୋଗ ଦେଇଥିବା ଭାଜପା ନେତୃବୃନ୍ଦ ।

## ସଂକ୍ଷେପରେ

### ନିଶା ଖାଇବାକୁ ବଟି ମାଗି ୪ ଗିରଫ

ଭୁବନେଶ୍ୱର,୧୧।୧୨(ସୂର୍ଯ୍ୟକାନ୍ତ ବେହେରା)

ନିଶା ଖାଇବା ପାଇଁ ଦୋକାନୀମାନଙ୍କଠାରୁ ବଟି ଆଦାୟ କରୁଥିଲେ। ଆଉ ଯେଉଁମାନେ ଦେଉ ନ ଥିଲେ ସେମାନଙ୍କଠାରୁ ଜୋରଜବରଦସ୍ତ ମାରଣାସ୍ତ୍ର ଦେଖାଇ ଟଙ୍କା ନେବା ସହ ଦୋକାନରେ ପଶି ଭଙ୍ଗାରୁଜା କରୁଥିଲେ। ବଡଗଡ ଥାନା ଅନ୍ତର୍ଗତ ଟଙ୍କପାଣି ଅଞ୍ଚଳରେ ଏଭଳି ବଟି ଆଦାୟ କରୁଥିବା ଏକ ଗ୍ୟାଙ୍ଗକୁ ଧରିବା ସହ ସମ୍ପୃକ୍ତ ୪ଜଣଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଅଞ୍ଚଳର ଏସ୍.ଅନିଲ ରେଡ୍ଡୀ, ସୁଜିତ ଭୂୟାଁ, ପ୍ରଶାନ୍ତ ନାୟକ ଏବଂ ଅଜୟ ଭୋଇ ଓରଫ ଅଜୟ ବେହେରା। ଜାମିନ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଅନିଲ, ପ୍ରଶାନ୍ତ ଓ ଅଜୟଙ୍କ ନାମରେ ଭୁବନେଶ୍ୱର ସମେତ ନୟାଗଡ, କଟକ, ପୁରୀ ଓ ଜଗତ୍‌ସିଂହପୁର ଥାନାରେ ମାମଲା ରହିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି।

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ୪୫ ଶୁଣାଣି

ବାଲିଅନ୍ତା,୧୧।୧୨(ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଖୋର୍ଦ୍ଧା ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ପ୍ରକଳ୍ପ ନିର୍ଦ୍ଦେଶକ ବାଦଲ କୁମାର ମହାନ୍ତି ଯୋଗଦେଇ ଲୋକଙ୍କ ବ୍ୟକ୍ତିଗତ ଓ ସାମୂହିକ ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ପ୍ରାୟ ୪୫ଟି ଅଭିଯୋଗର ଶୁଣାଣି ହୋଇଥିଲା। ପୂର୍ବ ଅଭିଯୋଗ ଶୁଣାଣିଠାରୁ କମ୍ ଲୋକେ ଶିବିରକୁ ଆସିଥିଲେ। ଶିବିରରେ ଆଦୌ ଭିଡ଼ ନ ଥିଲା। ଅଭିଯୋଗ ଶୁଣାଣି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଉପଜିଲାପାଳ ଚିନ୍ମୟ ଆଚାର୍ଯ୍ୟ, ଏସିପି ଜୋନ –୪ର ଶୁଭ୍ରାଂଶୁ ଶେଖର ନାୟକ, ତହସିଲଦାର ବିମଳ ଲେଙ୍କା, ବିଡିଓ ପବିତ୍ର ସାମଲଙ୍କ ସମେତ ଜିଲାର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

### ଆନନ୍ଦ ବଜାରରୁ ହଟିବ ଜରିପାଲ

ପୁରୀ,୧୧।୧୨(ଅଜିତ ମହାନ୍ତି)

ଶ୍ରୀମନ୍ଦିର ଆନନ୍ଦବଜାରରେ ଶୃଙ୍ଖଳା ଆଣିବା ପାଇଁ ସୋମବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଆନନ୍ଦ ବଜାର ଶୃଙ୍ଖଳା ସବ୍‌କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ଆନନ୍ଦ ବଜାରରୁ ଜରିପାଲ ହଟାଯାଇ ଦୋକାନଗୁଡ଼ିକର ସ୍ଥାୟୀ ଶେଡ୍ ନିର୍ମାଣ କରାଯିବ। ଏଣେତେଣେ ବସି ମହାପ୍ରସାଦ ବିକ୍ରି ଉପରେ କଟକଣା ଲାଗିବ। ଭକ୍ତଙ୍କ ମହାପ୍ରସାଦ ସେବନ ପାଇଁ ସ୍ୱତନ୍ତ୍ର ସ୍ଥାନ ରହିବ। ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦାସ କହିଛନ୍ତି, ଆନନ୍ଦ ବଜାରରେ ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ପଲିଥିନ ହଟାଯାଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଆନନ୍ଦବଜାରରେ ଯେଉଁ ସ୍ଥାନ ଯାହାଙ୍କୁ ଦିଆଯାଇଛି, ସେ ସେହି ସ୍ଥାନରେ ମହାପ୍ରସାଦ ବିକ୍ରି କରିବେ। କୋଇଲି ବୈକୁଣ୍ଠ ଏବଂ ଅନ୍ୟାନ୍ୟ ସ୍ଥାନରେ ମହାପ୍ରସାଦ ବିକ୍ରି ଉପରେ କଟକଣା ଲାଗୁ କରାଯାଇଛି। ଭକ୍ତମାନେ ନିର୍ଦ୍ଧାରିତ ସ୍ଥାନରେ ପ୍ରସାଦ ସେବନ କରିବେ। ପାଳିଆମାନେ ସକାଳ ଧୂପ ଓ ଅନ୍ୟ ଧୂପରେ ମହାପ୍ରସାଦ ଆଣି କିଛି ସମୟ ପାଇଁ ବିକ୍ରି କରୁଛନ୍ତି, ତେଣୁ ସେମାନଙ୍କ ଲାଗି ସ୍ୱତନ୍ତ୍ର ସ୍ଥାନ ବ୍ୟବସ୍ଥା କରାଯିବ। ସେହିପରି ମହାପ୍ରସାଦ ଦର ନିର୍ଦ୍ଧାରଣ କରିବା ପାଇଁ ନିଯୋଗକୁ କୁହାଯାଇଛି। ନିଯୋଗ ଦର ତାଲିକା ଦେବା ପରେ ଆଲୋଚନା କରାଯାଇ ଦର ଚୂଡ଼ାନ୍ତ କରାଯିବ।

---

**ରାଜଧାନୀରେ ଗୋଟିଏ ରାତିରେ ୨ ଚୋରି**

# ଏଟିଏମ୍ କାଟି ୧୦.୫୯ ଲକ୍ଷ ଲୁଟିନେଲେ





ଭୁବନେଶ୍ୱର,୧୧।୧୨(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀରେ ଚୋର ଓ ଲୁଟେରାଙ୍କ ଉତ୍ପାତ ଦିନକୁ ଦିନ ବଢ଼ିବାରେ ଲାଗିଛି। ଅପରାଧୀମାନେ କମିଶନରେଟ ପୋଲିସକୁ ଚ୍ୟାଲେଞ୍ଜ ଦେଇ ପ୍ରତିଦିନ କେଉଁଠି ନା କେଉଁଠି ଏଭଳି ଅପରାଧ ଘଟାଉଛନ୍ତି। ରବିବାର ରାତିରେ ମଧ୍ୟ ସହରର ଲିଙ୍ଗରାଜ ଓ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଦୁଇଟି ବଡ଼ ଧରଣର ଚୋରି ହୋଇଛି। ଲିଙ୍ଗରାଜ ଥାନା ଅନ୍ତର୍ଗତ ହାଟ ସାହିରେ ଥିବା ଏସ୍‌ବିଆଇ ଏଟିଏମ୍‌ରୁ ଦୁର୍ବୃତ୍ତମାନେ ୧୦.୫୯ ଲକ୍ଷ ଟଙ୍କା ଚୋରି କରି ନେଇଛନ୍ତି। ଗ୍ୟାସ କଟର ଦ୍ୱାରା ଏଟିଏମ୍ ଭାଙ୍ଗି ଟଙ୍କା ନେବା ପୂର୍ବରୁ ସିସିଟିଭି ଉପରେ ସ୍ପ୍ରେ ମାରିଥିବାରୁ ପୋଲିସର ମୁଣ୍ଡବିନ୍ଧା ବଢ଼ିଛି। ତେବେ ଚୋରି ଖବର ପାଇ ଡିସିପି ପ୍ରତୀକ ସିଂ ଘଟଣାସ୍ଥଳକୁ ଯାଇ ଲୋକଙ୍କୁ ପଚରାଉଚରା କରିବା ସହ ଆଖପାଖ ସିସିଟିଭି ଫୁଟେଜ ଯାଞ୍ଚ କରି ଅଭିଯୁକ୍ତମାନଙ୍କୁ ଚିହ୍ନଟ ପାଇଁ ଉଦ୍ୟମ କରୁଛି। ଏହି ଘଟଣାରେ ଏକ ବଡ଼ ଗ୍ୟାଙ୍ଗର ହାତ ରହିଥିବା ଡିସିପି ସିଂ କହିଛନ୍ତି। ସେହିପରି ଉକ୍ତ ଏଟିଏମ୍‌ରେ ସାଇରନ୍‌ର ବ୍ୟବସ୍ଥା ରହିଛି। ଚୋରି କିମ୍ବା ଏଟିଏମ୍ ସହ କିଛି ଅସ୍ୱାଭାବିକ ଘଟଣା ଘଟିଲେ ତାହା ବାଜି ଉଠିଥାଏ। ହେଲେ ଏହି ଚୋରି ସମୟରେ ସାଇରନ୍ ବାଜି ନ ଥିବାରୁ ଏଟିଏମ୍‌ର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଦିଗକୁ ମଧ୍ୟ ପୋଲିସ ତଦନ୍ତ ପରିସରଭୁକ୍ତ କରିଥିବା ଜଣାପଡ଼ିଛି। ତେବେ ଲିଙ୍ଗରାଜ ମନ୍ଦିରଠାରୁ ମାତ୍ର ୨୦୦ ମିଟର ଦୂରରୁ ଚୋରି ହୋଇଥିବାରୁ ସ୍ଥାନୀୟ ଦୋକାନୀମାନେ ଭୟଭୀତ ହୋଇଯାଇଛନ୍ତି। ତେଣୁ କଡାକଡି ପାଟ୍ରୋଲିଂ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**ରେଲ୍‌ୱେ କଲୋନୀରେ ଘରୁ କଳାକନା ବୁଲାଇଲେ**

ଅନ୍ୟପଟେ ଉକ୍ତ ରାତିରେ ଦୁର୍ବୃତ୍ତମାନେ ମଞ୍ଚେଶ୍ୱର ରେଲ୍‌ୱେ କଲୋନୀରେ ଜଣେ ବ୍ୟକ୍ତିଙ୍କ ଘରେ କଳାକନା ବୁଲାଇଛନ୍ତି। କଲୋନୀର ବି ୧୫/୨ କ୍ୱାର୍ଟର୍ସରେ ରହୁଥିବା ରଞ୍ଜନ କୁମାର ସିଂହ ଏ ସଂକ୍ରାନ୍ତରେ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି। ୩ ଜଣ ଜିନ୍ସ ଜ୍ୟାକେଟ ପିନ୍ଧା ଚୋର ରାତି ପ୍ରାୟ ୩ଟାରେ ତାଙ୍କ ଘରେ ପଶି ସୁନା ଅଳଙ୍କାର ସହ ୨୮ ହଜାର ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ନେଇଯାଇଥିବା ସେ ଏତଲାରେ ଦର୍ଶାଇଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ଦୁଇ ମାସ ମଧ୍ୟରେ ରାଜଧାନୀରେ ବିଭିନ୍ନ ଆପାର୍ଟମେଣ୍ଟ ଓ ଘରୁ ଚୋରି ହୋଇଛି। ବାହାର ରାଜ୍ୟର ଗ୍ୟାଙ୍ଗ ଏଥିରେ ସାମିଲ ଥିବା ଭୁବନେଶ୍ୱର ଡିସିପି ସୂଚନା ଦେଇଛନ୍ତି। ହେଲେ ଏପର୍ଯ୍ୟନ୍ତ ଏହି ଲୁଟେରା ଗ୍ୟାଙ୍ଗକୁ ଧରିବାରେ କମିଶନରେଟ ପୋଲିସ ବିଫଳ ହୋଇଥିବା ବେଳେ ଗୋଟିକ ପରେ ଗୋଟିଏ ଚୋରି ରାଜଧାନୀବାସୀଙ୍କ ଚିନ୍ତା ବଢ଼ାଇଛି।

---

# ‘କୃଷି ସାମ୍ବାଦିକତା କୃଷକଙ୍କ ଜୀବନଜୀବିକାକୁ ପରିବର୍ତ୍ତନ କରିପାରିବ’



ଓୟୁଏଟିଠାରେ ଅନୁଷ୍ଠିତ ସମ୍ମିଳନୀରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।

ଭୁବନେଶ୍ୱର, ୧୧।୧୨ (ଅସମାପିକା ସାହୁ)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପକ୍ଷରୁ ସୋମବାର ‘ରାଜ୍ୟ କୃଷିର ରୂପାନ୍ତରଣରେ କୃଷି ସାମ୍ବାଦିକତାର ଭୂମିକା’ ଶୀର୍ଷକ ସମ୍ମିଳନୀ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, କୃଷି ସାମ୍ବାଦିକତା କୃଷି ଓ କୃଷକଙ୍କ ଜୀବନଜୀବିକାକୁ ପରିବର୍ତ୍ତନ କରିବାର କ୍ଷମତା ରହିଛି। ଖବରଦାତାମାନେ ଦାୟିତ୍ୱ ସହକାରେ କୃଷକଙ୍କ ସମସ୍ୟା ଉପସ୍ଥାପିତ କରିବା ସହିତ ସରକାରଙ୍କ କୃଷି ଯୋଜନା ସମ୍ବନ୍ଧିତ ବିଭିନ୍ନ କାର୍ଯ୍ୟକ୍ରମକୁ ଚାଷୀଙ୍କ ପାଖରେ ପହଞ୍ଚାଇ ପାରିଲେ ଚାଷୀ ଭଉଣୀ ଓ ଭାଇମାନେ ବହୁଳ ଭାବରେ ଉପକୃତ ହୋଇପାରିବେ। କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଲେ, କୃଷି କ୍ଷେତ୍ର ପ୍ରତି ଲୋକଙ୍କୁ ଆକୃଷ୍ଟ କରି ରଖିବା ପାଇଁ କୃଷି ସାମ୍ବାଦିକତା ତାତ୍ପର୍ଯ୍ୟପୂର୍ଣ୍ଣ। କୃଷି କ୍ଷେତ୍ର ଅନେକ ବିପ୍ଲବ ଦେଇ ଗତି କରିଆସିଛି। ବିବିଧତାରେ ପୂର୍ଣ୍ଣ କୃଷି କ୍ଷେତ୍ରକୁ ଖବରକାଗଜର ଯଥୋଚିତ ସ୍ଥାନ ମିଳିବା ଆବଶ୍ୟକ। କୃଷି ଜାଗରଣର ମୁଖ୍ୟ ସମ୍ପାଦକ ଏମ୍.ସି. ଡୋମିନିକ୍ ସାମ୍ପ୍ରତିକ ସ୍ଥିତିରେ କୃଷି ସମ୍ପର୍କିତ ସ୍ୱତନ୍ତ୍ର ଗଣମାଧ୍ୟମର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ରାଜ୍ୟର ବିକାଶ ଦିଗରେ କୃଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଦୃଷ୍ଟିରୁ ସେମାନଙ୍କୁ ଗଣମାଧ୍ୟମରେ ପ୍ରକୃତ ହିରୋ ଭାବରେ ପ୍ରଦର୍ଶନ କରାଯିବା ଆବଶ୍ୟକ। ଗ୍ରାମୀଣ ସାମ୍ବାଦିକତା କ୍ଷେତ୍ରରେ ଏହି ଧାରା ବଜାୟ ରଖିଲେ ରାଜ୍ୟର କୃଷିକ୍ଷେତ୍ରରେ ବିକାଶ ସାଧନ ହୋଇପାରିବ ବୋଲି ସେ କହିଥିଲେ। ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ ଚାଷ, ଚାଷୀ ଓ ଏହାର ଜୀବିକା ଅଦ୍ୟାବଧି ଗଣମାଧ୍ୟମର ମୁଖ୍ୟଧାରାରେ ସ୍ଥାନ ପାଇନାହିଁ ବୋଲି କହିଥିଲେ। ସମ୍ମିଳନୀରେ ବିଭିନ୍ନ ଗଣମାଧ୍ୟମର ବରିଷ୍ଠ ସାମ୍ବାଦିକମାନେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ପ୍ରସାରଣ ନିର୍ଦ୍ଦେଶାଳୟର ଡିନ୍ ଡ. ପ୍ରସନ୍ନଜିତ ମିଶ୍ର ଅତିଥି ପରିଚୟ ଦେଇଥିବାବେଳେ ଯୁଗ୍ମ ନିର୍ଦ୍ଦେଶକ ଡ. ଏସ୍. ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀରେ ବିଶ୍ୱବିଦ୍ୟାଳୟର ଅଧକ୍ଷ, ନିର୍ଦ୍ଦେଶକ, ବିତ୍ତ ନିୟନ୍ତ୍ରକ, ବିଶ୍ୱବିଦ୍ୟାଳୟ ସମ୍ପ୍ରସାରଣ ଶିକ୍ଷା ବିଭାଗର ବୈଜ୍ଞାନିକ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।

---

# କବ୍ ବୁଲ୍‌ବୁଲ୍ ଉତ୍ସବ ଉଦ୍‌ଘାଟିତ



ଭୁବନେଶ୍ୱର, ୧୧।୧୨(ଅସମାପିକା ସାହୁ)

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ ପକ୍ଷରୁ ‘କବ୍ ବୁଲ୍‌ବୁଲ୍ ଉତ୍ସବ’ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ରାଜ୍ୟ ମୁଖ୍ୟାଳୟ ପରିସରରେ ଆରମ୍ଭ ହୋଇଥିବା ଏହି ଉତ୍ସବ ୧୫ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ରାଜ୍ୟର ୧୫ଟି ଜିଲାର ପ୍ରାଥମିକ ବିଦ୍ୟାଳୟରୁ ୬୩୦ କବ୍ ସ୍କାଉଟ୍ସ, ବୁଲ୍‌ବୁଲ୍ ଗାଇଡ୍ସ ସେମାନଙ୍କ ୟୁନିଟ୍ ଲିଡରଙ୍କ ତତ୍ତ୍ୱାବଧାନରେ ଯୋଗଦେଇଛନ୍ତି। ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର କାଳିପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ରାଜ୍ୟ କୋଅପରେଟିଭ୍ ବ୍ୟାଙ୍କ ସଭାପତି ତଥା ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ଉପସଭାପତି ଟି. ପ୍ରସାଦ ରାଓ ଦୋରା ଯୋଗଦେଇ ଏହି ଉତ୍ସବ କବ୍ ବୁଲ୍‌ବୁଲ୍‌ଙ୍କର ମାନସିକ ବିକାଶ ଦିଗରେ ସହାୟକ ହେବ ବୋଲି କହିଥିଲେ। ସେ କବ୍ ବୁଲ୍‌ବୁଲ୍‌ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଉତ୍ସବର ସଫଳତା କାମନା କରିଥିଲେ। ଅତିଥିମାନେ କୁନି କୁନି ପିଲାଙ୍କର ବିଭିନ୍ନ ପ୍ରତିଯୋଗିତାକୁ ଦେଖିଥିଲେ। କ୍ୟାମ୍ପରେ ପିଲାଙ୍କ ରହଣି ସେମାନଙ୍କ ଭିତରେ ଭ୍ରାତୃତ୍ୱଭାବ, ସମାନତା ବୃଦ୍ଧିରେ ସହାୟକ ହେବ ବୋଲି କହିଥିଲେ। ରାଜ୍ୟ ସଙ୍ଗଠନ କମିଶନର ତଥା ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର ଅନାମିକା ଦାସ ଅତିଥି ପରିଚୟ ଦେଇଥିବା ବେଳେ ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରକୁ ସହସଙ୍ଗଠନ କମିଶନର ସନ୍ତୋଷ ଦେଓ ପରିଚାଳନା କରୁଛନ୍ତି। ସମସ୍ତ କବ୍ ବୁଲ୍‌ବୁଲ୍‌ଙ୍କୁ ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସର ସଭାପତି ତଥା ଉଚ୍ଚଶିକ୍ଷାମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଶୁଭେଚ୍ଛା ଜଣାଇଛନ୍ତି।

---

### ଆୟକର ଚଢ଼ାଉ ଘଟଣାରେ କଂଗ୍ରେସକୁ ଦୋଷଦେବା ହାସ୍ୟାସ୍ପଦ: ରଜନୀ

ଭୁବନେଶ୍ୱର, ୧୧।୧୨(ସୁନୀତ୍ ମିଶ୍ର)

ଆୟକର ବିଭାଗ ଚଢ଼ାଉରେ ଓଡ଼ିଶାର ମଦ ବ୍ୟବସାୟଙ୍କ ଠାରୁ ୩ଶହ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଜବତ ହେବା ଘଟଣାରେ ବିଜେଡି ପକ୍ଷରୁ କରାଯାଇଥିବା ଅଭିଯୋଗ ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି କଂଗ୍ରେସ ମୁଖପାତ୍ର ରଜୀନ ମହାନ୍ତି କହିଛନ୍ତି। ସୋମବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ରଜନୀ କହିଛନ୍ତି ଯେ, ଦୀର୍ଘଦିନ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ଏବଂ ଦଳର ସମସ୍ତ ନେତୃବର୍ଗ ବିଜେଡି ଓ ଭାଜପା ଏକ ବୋଲି କହିଆସୁଛନ୍ତି। ଏହାର ପ୍ରମାଣ ବିଭିନ୍ନ ସମୟରେ ଦିଆଯାଇଛି। ‘‘ଯାଦୁଆ ବିକ୍ରି କରୁଛି ଯାଦୁ ମଲମ’’ ଉକ୍ତିଟି ବିଜେଡ଼ି ଦଳ ପାଇଁ ପ୍ରଯୁଜ୍ୟ। ୨୦୦୪ରୁ ୨୦୦୯ ମସିହା ପର୍ଯ୍ୟନ୍ତ ବିଜେଡି ଓ ଭାଜପା ରାଜ୍ୟରେ ମିଳିତ ସରକାରରେ ରହିଲେ। ୧୯୯୭ରୁ ବିଜେଡି ଏନ୍‌ଡ଼ିଏର ଏକ ଅଂଶବିଶେଷ। ରାଜ୍ୟରେ ଉଭୟ ନିର୍ବାଚନ ଅଲଗା ଅଲଗା ହୋଇ ଲଢୁଥିଲେ ମଧ୍ୟ ଉଭୟ ଦଳର ନୀତି ଓ ନିଷ୍ପତ୍ତି ଏକ। ଭାଜପାର ସମସ୍ତ ନୀତି ଓ ନିଷ୍ପତ୍ତିକୁ ବିନା ଦ୍ୱିଧାରେ ବିଜେଡି ପାଳନ କରିଆସୁଛି। ୨୦୧୪ରୁ ବର୍ତ୍ତମାନ ପର୍ଯ୍ୟନ୍ତ ପାର୍ଲାମେଣ୍ଟରେ ଯେତେସବୁ ବିଲ୍ ପାରିତ ହୋଇଛି ଏପରିକି କଳା କୃଷି ଆଇନ୍, ଶ୍ରମିକ ଆଇନ୍‌ର ପରିବର୍ତ୍ତନ, ଜମୀ ଅଧିଗ୍ରହଣ, ବିମୁଦ୍ରୀକରଣ, ସିଏଏ, ଏନ୍‌ଆରସି ଇତ୍ୟାଦି ସବୁ ବିଲ୍‌କୁ ଅନ୍ଧ ଭାବେ ବିଜେଡି ସମର୍ଥନ ଦେଇଛି। ଏପରିକି ରାଜ୍ୟ ସ୍ୱାର୍ଥର ପରିପନ୍ଥି ଆଇନ୍‌କୁ ସମର୍ଥନ କରିବାରେ ପଛଘୁଞ୍ଚା ଦେଇନାହାନ୍ତି। ଅଶ୍ୱିନି ବୈଷ୍ଣବ ଭାଜପାର ବର୍ତ୍ତମାନ ଏମ୍‌ପି ଅଛନ୍ତି। ସେ କାହା ସମର୍ଥନରେ ରାଜ୍ୟସଭାକୁ ନିର୍ବାଚିତ ହେଲେ ସେକଥା ମଧ୍ୟ ସମସ୍ତେ ଜାଣନ୍ତି। ସବୁ ପ୍ରୀତି ଖୋଲାଖୋଲି ତଥାପି କଂଗ୍ରେସ ଉପରେ ଅଭିଯୋଗ ବୋଲି ରଜନୀ କହିଛନ୍ତି।

### ସନ୍ତୋଷଙ୍କୁ ଏନ୍‌କାଉଣ୍ଟର ପାଲଟା ଗୁଳିରେ ୨ ପୋଲିସ ଆହତ

ପୁରୀ,୧୧।୧୨(ଅଜିତ ମହାନ୍ତି)

କିଛିଦିନ ତଳେ ଜଣେ ମହିଳାଙ୍କୁ ଗୁଳିକରି ଫେରାର ଥିବା ଦୁର୍ଦ୍ଧାନ୍ତ ସନ୍ତୁ ଓରଫ ସନ୍ତୋଷ ବାରିକଙ୍କୁ ସୋମବାର ଅପରାହ୍ନରେ ପୋଲିସ ଏନ୍‌କାଉଣ୍ଟର କରିଛି। ପୁରୀ–ବ୍ରହ୍ମଗିରି ରାସ୍ତାର ଗିରଳ ଜଙ୍ଗଲରେ ଏହି ଏନ୍‌କାଉଣ୍ଟର କରାଯାଇଛି। ସନ୍ତୋଷଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିଛି। ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କଟକସ୍ଥିତ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କଠାରୁ ଗୋଟିଏ ବନ୍ଧୁକ ଓ ଦୁଇଟି ଗୁଳି ଜବତ ହୋଇଛି। ଅନ୍ୟପକ୍ଷରେ ସନ୍ତୋଷଙ୍କ ପାଲଟା ଗୁଳିରେ ବ୍ରହ୍ମଗିରି ଥାନାର ଏସ୍‌ଆଇ ନାରାୟଣ ପ୍ରଧାନ ଏବଂ ଏଏସ୍‌ଆଇ ସଞ୍ଜିତ କହଁର ଆହତ ହୋଇଛନ୍ତି।

---


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.57/ET/SBP/ENGG/2023-24, ତା.04.12.2023ରିଖ

ଇ-ଟେଣ୍ଡର ସଂ.41-eT-SDENC-SBP-23

କାର୍ଯ୍ୟର ନାମ : 24 ମାସ ସମୟ ଅବଧି ନିମନ୍ତେ ସମ୍ବଲପୁରରେ ସେକ୍ଟର-A ଠାରେ ଅଧସ୍ତନ ବିଶ୍ରାମ ଗୃହ, ଷ୍ଟେସନ ବିଲ୍ଡିଙ୍ଗ ଠାରେ ଅଧିକାରୀ ବିଶ୍ରାମ ଗୃହ ଏବଂ ରେଳନଗର ଠାରେ ଅଧିକାରୀ ବିଶ୍ରାମ ଗୃହର ଦେଖାଶୁଣା ଓ ରକ୍ଷଣାବେକ୍ଷଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 81,67,330.56, ବିଡ଼ ସିକ୍ୟୁରିଟି (ଟଙ୍କାରେ): 1,63,400/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.29.12.2023 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ସମ୍ବଲପୁର

PR-871/O/23-24

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-AMRIT-BHARAT-06-360, ତା.05.12.2023ରିଖ

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ମଞ୍ଚେଶ୍ୱର (MCS), ଢେଙ୍କାନାଳ (DNKL), ତାଳଚେର (TLHR) ଏବଂ ଅନୁଗୁଳ (ANGL) ଷ୍ଟେସନଗୁଡ଼ିକ ଠାରେ ଅମୃତ ଭାରତ ଷ୍ଟେସନ ସ୍କିମ୍ (ABSS) ସମ୍ବନ୍ଧୀୟ ବିଭିନ୍ନ ଦୂରସଂଚାର ଯାତ୍ରୀ ସୁବିଧାସୁଯୋଗ (CIB ଏବଂ TIB)ର ବ୍ୟବସ୍ଥା।

ଟେଣ୍ଡର ମୂଲ୍ୟ(ଟଙ୍କାରେ): 5,06,05,127.86, EMD (ଟଙ୍କାରେ) : 4,03,000/-

ବିଡ଼୍ ଆରମ୍ଭ ହେବା ତାରିଖ: ତା.13.12.2023ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.27.12.2023 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ଼

PR-868/O/23-24

**कार्यपालक अभियंता का कार्यालय,**
**ग्रामीण विकास विशेष प्रमंडल, जमशेदपुर**
**Email ID- rdsdjamshedpur@gmail.com**

:–शुद्धि पत्र:–

इस कार्यालय का ई0–निविदा आमंत्रण सूचना संख्या E-RDSD/JSR/16/2023-24 जिसका (PR No :– 311668 (Rural Development) 23-24)_ D में निम्न प्रकार से आंशिक संशोधन किया जाता है :–

1. वेबसाइट में निविदा प्रकाशन की तिथि – 12.12.2023
2. ई–निविदा प्राप्ति की तिथि एवं समय – दिनांक 12.12.2023 से दिनांक 20.12.2023 को अपराह्न 05:00 बजे तक।
3. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमंडल, जमशेदपुर।
4. ई–निविदा खोलने की तिथि एवं समय – 21.12.2023 अपराह्न 02:00 बजे।
5. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, जमशेदपुर।
6. ई–निविदा प्रकोष्ठ का दूरभाष सं0 – 7903003903
7. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
8. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
9. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

शेष अन्य सभी शर्तें यथावत् रहेगा।

कार्यपालक अभियंता
ग्रामीण विकास विशेष प्रमंडल, जमशेदपुर

PR313163 (Rural Development)23-24*D


---

# ଯୁବ ଶକ୍ତିର ସଫଳ ଉପଯୋଗ କର: ରାଜ୍ୟପାଳ

**ବିକଶିତ ଭାରତ@୨୦୪୭: ଭଏସ୍ ଅଫ୍ ୟୁଥ୍**



ଭୁବନେଶ୍ୱର, ୧୧।୧୨(ଅସମାପିକା ସାହୁ)

‘ବିକଶିତ ଭାରତ@୨୦୪୭’ କାର୍ଯ୍ୟକ୍ରମରେ ‘ଭଏସ୍ ଅଫ୍ ୟୁଥ୍’ ଶୀର୍ଷକ କର୍ମଶାଳା ସୋମବାର ରାଜଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟ କୁଳପତି, ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ, ଅଧ୍ୟାପିକା, ବୈଷୟିକ ଓ ସ୍ୱାସ୍ଥ୍ୟ ଶିକ୍ଷା ସଂସ୍ଥାର ମୁଖ୍ୟମାନେ ଯୋଗଦେଇ ମତ, ପ୍ରସ୍ତାବ, ବିଚାର ଓ ପରାମର୍ଶ ଉପସ୍ଥାପନ କରିଥିଲେ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭର୍ଚୁଆଲରେ ଅଭିଭାଷଣ ରଖିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାର୍ଗଦର୍ଶନ କରାଇଥିଲେ। ରାଜ୍ୟପାଳ ରଘୁବର ଦାସ ଯୋଗଦେଇ କହିଲେ, ଆଗାମୀ ୨୫ ବର୍ଷ ଭାରତର ବିକାଶ ପାଇଁ ସବୁଠୁ ମହତ୍ତ୍ୱପୂର୍ଣ୍ଣ ସମୟ। ଏହି ଅମୃତ କାଳରେ ଭାରତକୁ ଏକ ବିକଶିତ ଦେଶରେ ପରିଣତ କରିବା ପାଇଁ ପ୍ରତ୍ୟେକେ ସଂକଳ୍ପିତ ହେବା ଦରକାର। ବିକଶିତ ଭାରତର ସ୍ୱପ୍ନ ୧୪୦କୋଟି ଭାରତୀୟଙ୍କର। ଏହାକୁ ସାକାର କରିବାକୁ ସମସ୍ତେ ନିଜ ନିଜ କ୍ଷେତ୍ରରେ ଉଦ୍ୟମ କରିବା ଆବଶ୍ୟକ। ବିକଶିତ ଭାରତର ସ୍ୱପ୍ନ ଓ ଆକାଂକ୍ଷାକୁ ଆଗେଇ ନେବାକୁ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଗୋଟିଏ ଟିମ୍ ହୋଇ କାର୍ଯ୍ୟ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ସେ କହିଥିଲେ, ଭାରତ ହେଉଛି ଏକ ଯୁବ ଦେଶ। ପ୍ରତିଭାରେ ପରିପୂର୍ଣ୍ଣ ଦେଶ। ଯୁବ ଶକ୍ତିର ସଫଳ ଉପଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଜାତୀୟ ଶିକ୍ଷା ନୀତି ୨୦୨୦ ଭାରତ ପାଇଁ ବିଶେଷ ଉପଯୋଗୀ। ଏହା ପରମ୍ପରା ଓ ଆଧୁନିକ ପ୍ରଗତିକୁ ପ୍ରୋତ୍ସାହିତ କରିବ। ଭାରତୀୟ ଜ୍ଞାନ ପରମ୍ପରା ଓ ଆଧୁନିକ ଜ୍ଞାନଧାରା ମଧ୍ୟରେ ସମନ୍ୱୟ ଓ ସଂହତି ସ୍ଥାପନ କରିବା ସହିତ ମାତୃଭାଷାରେ ଶିକ୍ଷାଦାନର ସୁଯୋଗ ସୃଷ୍ଟି କରିବ। ବିଦେଶୀ ପୁଞ୍ଜି ବିନିଯୋଗ ପାଇଁ ଭାରତ ବିଶ୍ୱର ଉପଯୁକ୍ତ ଠିକଣା ହୋଇଛି। ଏହି ସକାରାତ୍ମକ ଭାବ, ଭାବନା ଓ ସ୍ଥିତିର ବିନିଯୋଗ କରିବାକୁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର କର୍ମଶାଳାକୁ ପରିଚାଳନା କରି ଛାତ୍ରୀଛାତ୍ରଙ୍କ ଅଭିନବ ଚିନ୍ତା ଓ ଚେତନାକୁ ପ୍ରୋତ୍ସାହିତ କରିବା ପାଇଁ ପରାମର୍ଶ ଦେଇଥିଲେ।

---

# ପ୍ଲାଷ୍ଟିକ ମୁକ୍ତ ଅଭିଯାନରେ ସାମିଲ ହେଲେ ଛାତ୍ରୀଛାତ୍ର

ବାଲିଅନ୍ତା,୧୧।୧୨(ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକର ବେଣ୍ଟପୁରସ୍ଥିତ ଶ୍ରୀ ବାଣେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ସୋମବାର ଏକ ସାମାଜିକ କାର୍ଯ୍ୟକ୍ରମ ପାଷ୍ଟିକ ମୁକ୍ତ ଅଭିଯାନର ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ପ୍ରଶାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ଜିଲା ପରିଷଦ ସଦସ୍ୟ ମଙ୍ଗରାଜ ବେହେରା, ସରପଞ୍ଚ ଗୀତାଞ୍ଜଳି ସାହୁ, ସାମାଜିକ କର୍ମୀ କାଶୀନାଥ ସାହୁ, ଲକ୍ଷ୍ମୀଧର ମହାପାତ୍ର ଓ ଛାତ୍ର ନେତା ବ୍ରହ୍ମନାଭ ହରିଚନ୍ଦନ ମହାପାତ୍ର ପ୍ରମୁଖ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ସତ୍ୟଭାମା ନାୟକ, ସୁଶ୍ରୀ ସୁଚରିତା, ଅଧ୍ୟାପକ ନିରଞ୍ଜନ ମାଟି ଓ ତରୁଣ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଯଶୋବନ୍ତ ପ୍ରଧାନ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ର ଏକ ସଚେତନତା ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ଜନସାଧାରଣଙ୍କୁ ପ୍ଲାଷ୍ଟିକ ବ୍ୟବହାରର ଅପକାରିତା ଉପରେ ବୁଝାଇଥିଲେ। ସୁସ୍ଥ ଜୀବନ ଯାପନ ପାଇଁ ପ୍ଲାଷ୍ଟିକ ହଟାଅ ପରିବେଶ ବଞ୍ଚାଅ ଉପରେ ଲୋକଙ୍କୁ ସଚେତନ କରିଥିଲେ।




**ODISHA COAL AND POWER LTD.**
Odisha Coal and Power Limited – OCPL
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur,
Bhubaneswar – 751023, Odisha, Ph No: 0674-2300654 / 0674-2300664

**TENDER NOTICE**

NIT No.: OCPL/SITE-98/2023 Date: 12.12.2023

Sealed bids in prescribed format are invited from reputed Companies/Firms/Agencies for execution of the following work:

| Sl. No. | Name of the Work | Cost of Tender Paper | Last Date of Sale/ Download of Tender Document | Date of Submission/ Opening |
|---|---|---|---|---|
| 1 | Construction of Boundary Wall at Kutabaga UP School, Hemgir, Sundargarh, Odisha | Rs.5,900/- (Rupees five thousand nine hundred only) including GST @ 18% | 10.01.2024 | 03.00 P.M./ 03.30 P.M. on 17.01.2024 |

Any further clarifications may please be addressed to the undersigned at the above address or by email to: sudhakar.sinha@ocpl.org.in.

Sd./- Sr. Manager (Commercial & Contracts)

**ସଂକ୍ଷେପରେ**

## ଧାନ ଅମଳ ସମୟରେ ଜଳିଗଲା ହାର୍ଭେଷ୍ଟର ମେଶିନ



ଡେଲାଙ୍ଗ,୧୧।୧୨(ରଶ୍ମିରଞ୍ଜନ ପ୍ରଧାନ): ଡେଲାଙ୍ଗ ବ୍ଲକସ୍ଥିତ ଶ୍ରୀପୁରୁଷୋତ୍ତମପୁର ପଞ୍ଚାୟତ ଅଧୀନ ବିଳାସପୁର ମୌଜାର ଦେଉଳଗଡା ଗହୀରରେ ସୋମବାର ଧାନ ଅମଳ ସମୟରେ ଲକ୍ଷାଧିକ ଟଙ୍କାର ହାର୍ଭେଷ୍ଟର ମେଶିନ୍ ଜଳାଯାଇଛି। ସୂଚନା ଅନୁଯାୟୀ, ଇନ୍ଦିପୁର ଗ୍ରାମର ବସନ୍ତ ମହାପାତ୍ରଙ୍କ ହାର୍ଭେଷ୍ଟର ମେଶିନଟି ଦେଉଳଗଡ଼ା ଗହୀରରେ ଥିବା ବିଜୟ ମହାପାତ୍ରଙ୍କ ଧାନ ବିଲରେ ଧାନ ଅମଳ କରୁଥିଲା। ମେଶିନଟି ୧ ଘଣ୍ଟା ଚାଲିବା ପରେ ହଠାତ୍ ନିଆଁ ଲାଗି ହୁତୁହୁତୁ ହୋଇ ଜଳିବାକୁ ଲାଗିଥିଲା। ଚାଳକ ଜଣକ ନିଜ ଜୀବନକୁ ବଞ୍ଚାଇବାକୁ ଯାଇ ମେଶିନରୁ ତଳକୁ ଡେଇଁ ଚିତ୍କାର କରି ଲୋକଙ୍କୁ ଡାକିଥିଲେ। ଗହୀର ସନ୍ନିକଟ ଗ୍ରାମର ଲୋକେ ଘଟଣା ସ୍ଥଳରେ ପହଞ୍ଚି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଆୟତ୍ତ କରିପାରି ନ ଥିଲେ। ପରେ ତୁରନ୍ତ ଡେଲାଙ୍ଗ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ପାଇପ ଜରିଆରେ ଗହୀର ଭିତରକୁ ପାଣି ନେଇ ନିଆଁକୁ ଆୟତ କରିଥିଲେ। ଅନ୍ୟପଟେ ଧାନ ଅମଳ କରାଉଥିବା ଚାଷୀର ୧୦ ବସ୍ତା ଧାନ ପୋଡି ପାଉଁଶ ହୋଇଯାଇଛି।

## ବଦଳିଥିବା ବହିରୁ ପଡ଼ିଛି ପ୍ରଶ୍ନ

### ଦ୍ୱନ୍ଦ୍ୱରେ ମାଟ୍ରିକ ପରୀକ୍ଷାର୍ଥୀ

**ଅସ୍ତରଙ୍ଗ,୧୧।୧୨(ପ୍ରଦୀପ୍ତ କୁମାର ଦୀକ୍ଷିତ):** ଚଳିତ ବର୍ଷ ମାଟ୍ରିକ ଛାତ୍ରୀଛାତ୍ର ଶିକ୍ଷାଦାନ କରୁଥିବା ବହି ବିଷୟରେ ନାହିଁ କିମ୍ବା ଶ୍ରେଣୀଗୃହରେ ଶିକ୍ଷକ ମଧ୍ୟ ପଢାଇନାହାନ୍ତି। କିନ୍ତୁ ନମୁନା ପ୍ରଶ୍ନପତ୍ରରେ ଆସିଛି ପ୍ରଶ୍ନ। ମାଧ୍ୟମିକ ଶିକ୍ଷାବିଭାଗ ପକ୍ଷରୁ ନମୁନା ପ୍ରଶ୍ନପତ୍ର ବିଷୟ ବାହାରୁ ପଡିଥିବାରୁ ଛାତ୍ରୀଛାତ୍ରଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ମାଟ୍ରିକ ପରୀକ୍ଷାର୍ଥୀଙ୍କ ଅଭ୍ୟାସ ପାଇଁ ପ୍ରଶ୍ନପତ୍ରର ନମୁନା ପ୍ରଥମଥର ପାଇଁ ବ୍ୟବସ୍ଥା କରାଯାଇଥିବା ବେଳେ ଏହା ପୂର୍ବରୁ ପ୍ରଧାନଶିକ୍ଷକଙ୍କ ହ୍ୱାଟ୍ସଆପ ଗ୍ରୁପରେ ଆସିଥିବା ପିଡିଏଫ୍ ପ୍ରଶ୍ନରେ ତ୍ରୁଟି ଦେଖାଦେଇଛି। ଯେଉଁ କେତୋଟି ପ୍ରଶ୍ନ ପଡ଼ିଛି, ତାହା ପୂର୍ବରୁ ଥିବା ଇଂଲିଶ ବହିର ପ୍ରଶ୍ନ। ଯାହାକି ବହିଟି ବଦଳି ନୂତନ ବହିରେ ଛାତ୍ର ଛାତ୍ରୀ ପାଠ ପଢୁଛନ୍ତି। ଏ ନେଇ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।

## ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନ ସୁଗାର ଜବତ, ଜଣେ ଗିରଫ

**ଗୋପ,(ଭାରତୀ ଭୂଷଣ ଉପାଧ୍ୟାୟ)/ ନିମାପଡ଼ା, (ବିଚିତ୍ରାନନ୍ଦ ସାହୁ) ୧୧।୧୨**

ଜିଲା ଅବକାରୀ ବିଭାଗର ଅଧୀକ୍ଷକ ଜଗଦୀଶଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ କୋଣାର୍କ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରାଙ୍କ ନେତୃତ୍ୱରେ ଏକ ଟିମ ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଗୋପ ଥାନା ଅଧୀନ ପାଣିଛତ୍ର ଅଞ୍ଚଳର ଚିନ୍ମୟ ସାହୁ(୩୦)। ଏନେଇ ପୋଲିସ ୧୨୫/୨୩-୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ତାଙ୍କ ନିକଟରେ ପୋଲିସ ୪୩ ଗ୍ରାମ ବ୍ରାଉନ ସୁଗାର ଜବତ କରିଛି। ଏହାର ମୂଲ୍ୟ ୩ ଲକ୍ଷ ୩୦ ହଜାର ହେବ ବୋଲି ଜଣାପଡ଼ିଛି। ଚଢ଼ାଉରେ ଏଏସ୍ଆଇ ଲୋକନାଥ ପାତ୍ର, ଶେକ୍ ୱାରିସ୍, ତପନ ପ୍ରଧାନ ରମେଶଚନ୍ଦ୍ର ମଲ୍ଲିକ, ସ୍ୱାଗତିକା ଘଡେଇ ପ୍ରମୁଖ ସଦଳବଳ ସାମିଲ ଥିଲେ।

# ଦୁର୍ଦ୍ଧାନ୍ତ ସନ୍ତୋଷଙ୍କୁ ଏନ୍କାଉଣ୍ଟର

ପୁରୀ,୧୧।୧୨(ଅଜିତ ମହାନ୍ତି):



ପୋଲିସ ଗୁଳିରେ ଆହତ ସନ୍ତୋଷ ବାରିକଙ୍କୁ ଚିକିତ୍ସା ପାଇଁ ନିଆଯାଉଛି।

**ଗିରଳ ଜଙ୍ଗଲରେ ଲୁଚିଥିଲେ**
- ବନ୍ଧୁକ, ୨ ଗୁଳି ଜବତ
- ପାଲଟା ଗୁଳିରେ ୨ ପୋଲିସ ଆହତ

କିଛିଦିନ ତଳେ ଜଣେ ମହିଳାଙ୍କୁ ଗୁଳିକରି ଫେରାର ଥିବା ଦୁର୍ଦ୍ଧାନ୍ତ ସନ୍ତୁ ଓରଫ ସନ୍ତୋଷ ବାରିକଙ୍କୁ ସୋମବାର ଅପରାହ୍ନରେ ପୋଲିସ ଏନ୍କାଉଣ୍ଟର କରିଛି। ପୁରୀ-ବ୍ରହ୍ମଗିରି ରାସ୍ତାର ଗିରଳ ଜଙ୍ଗଲରେ ଏହି ଏନ୍କାଉଣ୍ଟର କରାଯାଇଛି। ସନ୍ତୋଷଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିଛି। ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କଟକସ୍ଥିତ ଏସ୍ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କଠାରୁ ଗୋଟିଏ ବନ୍ଧୁକ ଓ ଦୁଇଟି ଗୁଳି ଜବତ ହୋଇଛି। ଅନ୍ୟପକ୍ଷରେ ସନ୍ତୋଷଙ୍କ ପାଲଟା ଗୁଳିରେ ବ୍ରହ୍ମଗିରି ଥାନାର ଏସ୍ଆଇ ନାରାୟଣ ପ୍ରଧାନ ଏବଂ ଏଏସ୍ଆଇ ସଞ୍ଜିତ କହଁର ଆହତ ହୋଇଛନ୍ତି।

ସୂଚନା ଅନୁଯାୟୀ, ଗତ ନଭେମ୍ବର ୨୯ ତାରିଖରେ ପୁରୀ ଜିଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ ପଲଙ୍କ ଗ୍ରାମର ସନ୍ତୋଷ ବାଇକ ଯୋଗେ ଚାନ୍ଦିପୁଟ ଗ୍ରାମ ଦେଇ ଯାଉଥିଲେ। ଏହି ସମୟରେ ସାଇକେଲରେ ଯାଉଥିବା ଜଳନ୍ଧର ନାୟକଙ୍କ ସହ ତାଙ୍କ ବାଇକ୍ ଧକ୍କା ହୋଇଥିଲା। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ତେବେ ସନ୍ତୋଷ ସେଠାରୁ ଚାଲିଆସିଥିଲେ। ପରେ ସେ ବନ୍ଧୁକ ଧରି ଚାନ୍ଦିପୁଟ ଗ୍ରାମରେ ପହଞ୍ଚି ଜଳନ୍ଧରଙ୍କୁ ଖୋଜାଖୋଜି କରିଥିଲେ। ଏପରିକି ଗ୍ରାମର ସୁବଳ ସାହୁଙ୍କ ଘରେ ପଶି ଖୋଜିଥିଲେ। ସୁବଳଙ୍କ ବୋହୂ ଝିଲି ସାହୁ ତାଙ୍କ ଘରେ କେହି ଆଶ୍ରୟ ନେଇ ନ ଥିବା କହିଥିଲେ। ମାତ୍ର ସନ୍ତୋଷ ଝିଲିଙ୍କ କଥାକୁ ବିଶ୍ୱାସ କରି ନ ଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ସନ୍ତୋଷ ଝିଲିଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଗୁଳି ଚଳାଇଥିଲେ। ଝିଲିଙ୍କ ହାତରେ ଗୁଳି ବାଜିଥିଲା। ଏହାଦେଖି ସନ୍ତୋଷ ସେଠାରୁ ଫେରାର ହୋଇଯାଇଥିଲେ। ଝିଲିଙ୍କୁ ପରିବାର ଲୋକେ ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ସେ ଏନେଇ ବ୍ରହ୍ମଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏସ୍ପି କନୱାର ବିଶାଲ ସିଂ ଘଟଣାକୁ ଗୁରୁତ୍ୱର ସହ ନେଇ ସନ୍ତୋଷଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ସଦର ଏସ୍ଡିପିଓ ରବିନାରାୟଣ ଭଞ୍ଜଙ୍କ ନେତୃତ୍ୱରେ ଗଠିତ ଟିମ୍ରେ ପୁରୀ ସଦର ଥାନା ଅଧିକାରୀ ଓ ବ୍ରହ୍ମଗିରି ଥାନା ଅଧିକାରୀ ପ୍ରମୁଖ ରହିଥିଲେ। ଅତିରିକ୍ତ ଏସ୍ପି ସୁଶୀଲ କୁମାର ମିଶ୍ର ଟିମ୍ର ତଦାରଖ କରିଥିଲେ। ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଥିଲା। ସୋମବାର ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା ଯେ, ସନ୍ତୋଷ ମାରଣାସ୍ତ୍ର ସହ ଗିରଳ କାଜୁ ଜଙ୍ଗଲରେ ଲୁଚିଛନ୍ତି। ପୋଲିସ ଟିମ୍ ସେଠାରେ ଚଢାଉ କରିଥିଲା। ଏହି ସମୟରେ ସନ୍ତୋଷ ଘଟଣାସ୍ଥଳରୁ ଖସିଯିବାକୁ ଚେଷ୍ଟା କରିବା ସହ ପୋଲିସ ଉପରକୁ ଗୁଳି ଚଳାଇଥିଲେ। ଫଳରେ ପୋଲିସ ପାଲଟା ଗୁଳି ଚାଳନା କରିଥିଲା। ସନ୍ତୋଷଙ୍କ ଗୋଡ଼ରେ ଗୁଳି ବାଜିଥିଲା। ପୋଲିସ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସନ୍ତୋଷଙ୍କ ନାମରେ ବ୍ରହ୍ମଗିରି ଥାନାରେ ବହୁ ଆପରାଧିକ ମାମଲା ରହିଥିବା ପୋଲିସ କହିଛି। ଉଲ୍ଲେଖ ଥାଉ କି, ଗତ ଅଗଷ୍ଟ ୨୪ରେ ପୁରୀର ଦୁର୍ଦ୍ଧାନ୍ତ ପିନୁ ବରାଳଙ୍କୁ ପୋଲିସ ବାସେଳିସାହି ଥାନା ଅଧୀନ ଶଙ୍କରେଶ୍ୱର ଜଙ୍ଗଲରେ ଏନ୍କାଉଣ୍ଟର କରିଥିଲା। ତାଙ୍କ ଗୋଡ଼ରେ ଗୁଳି ବାଜିଥିବାବେଳେ ତାଙ୍କଠାରୁ ଗୋଟିଏ ପିସ୍ତଲ, ୨ଟି ଗୁଳି ଓ ଗୋଟିଏ ବାଇକ୍ ଜବତ ହୋଇଥିଲା। ତାଙ୍କ ନାମରେ ବିଭିନ୍ନ ଥାନାରେ ୧୧ଟି ସଙ୍ଗିନ ମାମଲା ରହିଛି।

## ନନ୍ଦିଘୋଷ ଫାଉଣ୍ଡେଶନର ନୂତନ କାର୍ଯ୍ୟାଳୟ ଉଦ୍ଘାଟିତ

ନିମାପଡ଼ା,୧୧।୧୨ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ଦାଶ)



ମିଟ୍ ଦି ପ୍ରେସ୍ କାର୍ଯ୍ୟକ୍ରମରେ ନନ୍ଦିଘୋଷ ଫାଉଣ୍ଡେଶନର ଅଧ୍ୟକ୍ଷା ରୋଜାଲିନ୍ ନାୟକ ସୂଚନା ଦେଉଛନ୍ତି।

ନିମାପଡ଼ାରେ ନୂତନ ଭାବେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନନ୍ଦିଘୋଷ ଫାଉଣ୍ଡେଶନ ପଦାର୍ପଣ କରିଛି। ଏହି ଅନୁଷ୍ଠାନର ନୂତନ କାର୍ଯ୍ୟାଳୟ ମହିଳା କଲେଜ ଛକ ନିକଟରେ ସୋମବାର ଉଦ୍ଘାଟିତ ହୋଇଯାଇଛି। ସମାରୋହ ଓ ମିଟ୍ ଦି ପ୍ରେସ୍ କାର୍ଯ୍ୟକ୍ରମରେ ଯୋଗଦେଇ ଏହି ଅନୁଷ୍ଠାନର ମ୍ୟାନେଜିଂ ଡାଇରେକ୍ଟର ତଥା ଚେୟାରମ୍ୟାନ ରୋଜାଲିନ୍ ନାୟକ ଯୋଗଦେଇଥିଲେ। ସେବା ହିଁ ନନ୍ଦିଘୋଷ ଫାଉଣ୍ଡେଶନର ମୂଳମନ୍ତ୍ର ଓ ମୁଖ୍ୟ ଲକ୍ଷ୍ୟ ବୋଲି ନାୟକ କହିଥିଲେ। ସମାଜରେ ଗରିବ, ଅବହେଳିତ, ନିଷ୍ପେଷିତ ଜନତାଙ୍କ ସେବା କରିବା, ସେମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସାହାଯ୍ୟ ସହଯୋଗର ହାତ ବଢାଇବାକୁ ଏହି ଅନୁଷ୍ଠାନ ଦୃଢ ସଂକଳ୍ପବଦ୍ଧ। ସ୍ୱାଭିମାନ, ସ୍ୱାଧୀନତାର ପୃଷ୍ଠଭୂମି, ସଂଗ୍ରାମୀ, ବିପ୍ଳବୀ ମାଟି ନିମାପଡ଼ାର ସାମଗ୍ରିକ ବିକାଶ, ନିମାପଡ଼ାବାସୀଙ୍କ ମୌଳିକ ସମସ୍ୟାର ପ୍ରତିକାର ପାଇଁ ଏହି ଅନୁଷ୍ଠାନ ନିଷ୍ଠାର ସହ କାର୍ଯ୍ୟ କରିବ ବୋଲି ଅଧ୍ୟକ୍ଷା ନାୟକ ମିଟ୍ ଦି ପ୍ରେସ କାର୍ଯ୍ୟକ୍ରମରେ ମତବ୍ୟକ୍ତ କରିଥିଲେ। ନିମାପଡ଼ାବାସୀ ଓ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କ ସହଯୋଗ କାମନା କରାଯାଇଛି।

## କମ୍ୟୁନିଟି ସେଣ୍ଟର ଗୃହର ଭିତ୍ତିପ୍ରସ୍ତର ସ୍ଥାପନ

ନିମାପଡ଼ା,୧୧।୧୨(ବିଚିତ୍ରାନନ୍ଦ ସାହୁ)

ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀଙ୍କ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ୨ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳରେ ନିମାପଡ଼ା ବ୍ଲକ ଅଧୀନ ଭିଲି ଗ୍ରାମପଞ୍ଚାୟତର ବିଷ୍ଣୁପୁର କରଞ୍ଜି ସାହି ଗ୍ରାମରେ ନୂତନ କମ୍ୟୁନିଟି ସେଣ୍ଟର ଗୃହ ନିର୍ମାଣ ପାଇଁ ସୋମବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ଏହି ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରି ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଖୁବ୍ଶୀଘ୍ର ତ୍ୱରାନ୍ୱିତ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଏମ୍ପିଙ୍କ ପ୍ରତିନିଧି ସୁଧୀର ରଞ୍ଜନ ଦାଶ, ସରପଞ୍ଚ ଅରବିନ୍ଦ ମଲ୍ଲିକ, ଯୁବନେତା କୈଳାସ ମହାପାତ୍ର, ରାକେଶ ବେହେରା, ସମିତି ସଭ୍ୟା ଧନୀମାଝି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଗ୍ରାମବାସୀ ଓ ପଞ୍ଚାୟତର ଶତାଧିକ ବିଜେଡି କର୍ମୀ, ମହିଳାଙ୍କ ପକ୍ଷରୁ ବିଧାୟକ ଦାଶଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

# ବିଦ୍ୟାଳୟରେ ‘ଭାରତୀୟ ଭାଷା ଉତ୍ସବ’



କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗହଣରେ ଛାତ୍ରୀଛାତ୍ରମାନେ ।

**ପିପିଲି,(ଦୁର୍ଗାମାଧବ ମିଶ୍ର)/କଣାସ (ବିଭୂତି ଭୂଷଣ ତ୍ରିପାଠୀ)୧୧।୧୨**

ମହାନ୍ କବି ସୁବ୍ରମାନିଆ ଭାରତୀଙ୍କ ଜୟନ୍ତୀ ଉପଲକ୍ଷେ ଗୋବିନ୍ଦପୁର କ୍ଲଷ୍ଟରର ଶିଉଳା, ଆରୁହା, ହରିଅନ୍ତା, ଅଡଙ୍ଗପଡା, କଣ୍ଟାପଡ଼ା, ଗୋବିନ୍ଦପୁର, କୁଞ୍ଜର, ତଲଉ, ସଙ୍ଗଲାଇଶାସନ ନୀଳକଣ୍ଠ ନୋଡାଲ ଆଦି ସମସ୍ତ ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ ସୋମବାର ‘ଭାରତୀୟ ଭାଷା ଉତ୍ସବ’ ପାଳିତ ହୋଇଯାଇଛି। ସିଆର୍ସିସି ଚିନ୍ତାମଣି ଓଝା ଏହାର ତତ୍ତ୍ୱାବଧାନ କରିଥିଲେ। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ସୁବ୍ରମାନିଆ ଭାରତୀଙ୍କ ଫଟୋଚିତ୍ରରେ ଧୂପଦୀପ ଦିଆଯାଇ ପୂଜା କରାଯିବା ସହ ତାଙ୍କ ଜୀବନୀ, ସୃଜନଶୀଳତା ଓ ଭାଷା ପ୍ରତି ଅବଦାନ ସମ୍ବନ୍ଧରେ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ଭାରତୀୟ ଭାଷାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଙ୍ଗୀତ, ବକ୍ତୃତା, ଅଭିନୟ, ଗଳ୍ପ କଥନ, ସ୍ଲୋଗାନ ଲେଖା, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା କରାଯାଇଥିଲା। କଣାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ବନବିହାରୀ ସାହୁଙ୍କ ଅଧ୍ୟକ୍ଷତାରେ ମୋ ମାତୃଭାଷାରେ ମୋ ଦସ୍ତଖତ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିକ୍ଷା ବିଭାଗ ଅଧ୍ୟାପକ ପ୍ରଭାସ ମଙ୍ଗରାଜ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ଗଙ୍ଗାଧର ମହାପାତ୍ର, ପ୍ରଶାନ୍ତ ସାହୁ, ପ୍ରଶାନ୍ତ ପଲାଇ ଓ ସନମିତା ହାତୀ ଯୋଗ ଦେଇଥିଲେ। ବିଦ୍ୟାଳୟର ୧୫୪ଜଣ ଛାତ୍ରୀଛାତ୍ର ଉପସ୍ଥିତ ରହି ନିଜ ନିଜର ନାମକୁ ଓଡ଼ିଆରେ ଦସ୍ତଖତ କରି ମାତୃଭାଷାକୁ ଭଲପାଇବାର ସଂକଳ୍ପ ନେଇଥିଲେ।

## ମାନବିକ ଅଧିକାର, କର୍ତ୍ତବ୍ୟ ସମ୍ବନ୍ଧରେ ସଚେତନତା

**ପୁରୀ,୧୧।୧୨(ଅଜିତ ମହାନ୍ତି):**

ବିଶ୍ୱ ମାନବାଧିକାର ଦିବସର ୭୫ତମ ପୂର୍ତ୍ତି ଅବସରରେ ‘ଆପଣଙ୍କ ସେବାରେ’ ଏବଂ ‘ଭାନମୋହିଲ’ ଅନୁଷ୍ଠାନର ମିଳିତ ସହଯୋଗରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରୀ ସହରର ବସ୍ତି ଅଞ୍ଚଳରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାଶ ଶିଶୁ ଅଧିକାର କ୍ଲବ, ଆଚାର୍ଯ୍ୟ ହରିହର ଶିଶୁ ଅଧିକାର କ୍ଲବ, ହରିହର ପଣ୍ଡା ଓରଫ ବେଙ୍ଗପାଣିଆ ଶିଶୁ ଅଧିକାର କ୍ଲବର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ପିଲାଙ୍କ ଦ୍ୱାରା ପରିବେଷିତ କ୍ଷୁଦ୍ର ନାଟକ ମାଧ୍ୟମରେ ମାନବିକ ଅଧିକାର ଓ କର୍ତ୍ତବ୍ୟ ସମ୍ବନ୍ଧରେ ସଚେତନତା ସୃଷ୍ଟି କରାଯାଇଥିଲା। ସେହିପରି ବିଭିନ୍ନ ସଚେତନତାମୂଳକ ସ୍ଲୋଗାନ ଲେଖାଥିବା ପ୍ଲାକାର୍ଡ ସହ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ମନୋଜ ରଥ, ବିଜୟକୃଷ୍ଣ ବ୍ରହ୍ମା, ଦେବାନନ୍ଦ ମିଶ୍ର, ଜଗଦୀଶ ପ୍ରଧାନ, ବିରଞ୍ଚିନାରାୟଣ ମିଶ୍ର ଯୋଗଦେଇଥିଲେ। ଅନୁପମା କର, ଶଶାଙ୍କ ପ୍ରଧାନ, ସସ୍ମିତା ମହାପାତ୍ର, ସନ୍ଦୀପ କର୍ମକାର ଏବଂ ଜିଲା ସଂଯୋଜକ ଦିବ୍ୟରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ଡଙ୍ଗା, ପଞ୍ଜୀକରଣ କାଗଜପତ୍ର ଯାଞ୍ଚ

**ଅସ୍ତରଙ୍ଗ,୧୧।୧୨(ପ୍ରଦୀପ୍ତ ଦୀକ୍ଷିତ):**

ଅସ୍ତରଙ୍ଗ ବ୍ଲକ ମତ୍ସ୍ୟ ବିଭାଗ ପକ୍ଷରୁ ସୋମବାର ବ୍ଲକର ୩ଟି ମତ୍ସ୍ୟ ଅବତରଣ କେନ୍ଦ୍ର ନୂଆଗଡ଼, ସହନ, କାଳିଆକଣ ଅଞ୍ଚଳ ବିଭାଗୀୟ ଅଧିକାରୀ ପରିଦର୍ଶନ କରି ଡ଼ଙ୍ଗା ଓ ଟାପା ସହ ପଞ୍ଜୀକରଣ କାଗଜପତ୍ର ଯାଞ୍ଚ କରାଯାଇଛି। ସୂଚନା ମୁତାବକ, ଅଲିଭ୍ ରିଡ୍ଲେଙ୍କ ପ୍ରଜନନ ଋତୁ ଚାଲିଥିବାରୁ କଟକଣା ଲାଗିବାରୁ ମତ୍ସ୍ୟଜୀବୀଙ୍କୁ ସହାୟତା ପ୍ରଦାନ କରାଯାଉଛି। କିନ୍ତୁ ବ୍ଲକର କିଛି ମତ୍ସ୍ୟଜୀବୀଙ୍କ ପଞ୍ଜୀକୃତ ନମ୍ବର ସାର୍ଟିଫିକେଟ ଥିଲେ ମଧ୍ୟ ତାଙ୍କ ପାଖରେ ଡ଼ଙ୍ଗା ଓ ଟାପା ନ ଥିବା ଅଭିଯୋଗ ହୋଇଥିଲା। ଫଳରେ ଅସ୍ତରଙ୍ଗ ସହକାରୀ ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ପଞ୍ଜୀକୃତ ଡ଼ଙ୍ଗାମାଲିକଙ୍କ ଟାପା ଓ ଡ଼ଙ୍ଗା ଅଛି କି ନାହିଁ ଯାଞ୍ଚ ହୋଇଥିଲା। ଡ଼ଙ୍ଗା ମାଲିକ ଓମ୍ପ୍ରା ଆକ୍ଟ ୧୯୮୨ନିୟମ ଅନୁଯାୟୀ ସମ୍ପୂର୍ଣ୍ଣ ଭାବରେ ଡଙ୍ଗାର ରଙ୍ଗ ଲାଲ ଏବଂ କଳା କରିଥିଲେ। ଏହା ସହିତ ଡଙ୍ଗାର ନାମ ଏବଂ ପଞ୍ଜୀକୃତ ନମ୍ବର ଲେଖିଥିଲେ। ବ୍ଲକର ପାଖାପାଖି ୫ଶହରୁ ଊର୍ଦ୍ଧ୍ୱ ଡ଼ଙ୍ଗା ମାଲିକଙ୍କ ପଞ୍ଜୀକୃତ କାଗଜପତ୍ର ସହ ଡଙ୍ଗା ଯାଞ୍ଚ ହୋଇଥିଲା। ଏହି ଯାଞ୍ଚରେ ଅସ୍ତରଙ୍ଗ ସହକାରୀ ମତ୍ସ୍ୟଧିକାରୀ ସତ୍ୟବ୍ରତ ଦାସ ଓ ସାଗର ମିତ୍ର ସହଯୋଗ କରିଥିଲେ।

# ଜିଲା ଭାଜପା ପକ୍ଷରୁ ବିକ୍ଷୋଭ

**ପୁରୀ, ୧୧।୧୨(ଅଜିତ୍ ମହାନ୍ତି):**




କୋର୍ଟ ଛକଠାରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଝାଡ଼ଖଣ୍ଡ କଂଗ୍ରେସ ରାଜ୍ୟସଭା ସଦସ୍ୟ ଧୀରଜ ସାହୁଙ୍କ ମଦ ସାମ୍ରାଜ୍ୟ ଉପରେ ଆୟକର ବିଭାଗ ପକ୍ଷରୁ ଚଢାଉ ପରେ ପ୍ରାୟ ୩୪୮ କୋଟି ଟଙ୍କା ଜବତ ହୋଇଛି। ଏହି ଘଟଣାରେ ରାଜ୍ୟ ସରକାର ଅନୁକମ୍ପା ଦେଖାଇଥିବା ଓ ପ୍ରୋତ୍ସାହନ ଦେଇଥିବା ଅଭିଯୋଗ ଆଣି ପୁରୀ ଜିଲା ଭାଜପା ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା ସଭାପତି ଆଶ୍ରିତ ପଟ୍ଟନାୟକଙ୍କ ନେତୃତ୍ୱରେ ଟାଉନ ହଲ୍ ଠାରୁ ଏକ ଶୋଭାଯାତ୍ରା ବାହାରି କୋର୍ଟ ଛକରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଭାଜପା ରାଜ୍ୟ ଉପସଭାନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ରଞ୍ଜିତା ପାଢ଼ୀ, ମହିଳା ମୋର୍ଚ୍ଚା ସଭାନେତ୍ରୀ ଜ୍ୟୋତି ମହାପାତ୍ର, ଯୁବ ମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାଶ, ସିଂହଦ୍ୱାର ମଣ୍ଡଳ ସଭାପତି ରବି ଦାଶ, ଶରଧାବାଲି ମଣ୍ଡଳ ସଭାପତି ସଞ୍ଜୀବ ମୁଖାର୍ଜୀ ପ୍ରମୁଖ ସାମିଲ ଥିଲେ। ମଦ ଦୋକାନ ଆବଣ୍ଟନରେ ୫୦ ହଜାର କୋଟି ଟଙ୍କା ଦୁର୍ନୀତିର ଗନ୍ଧ ବାରି ହେଉଛି। ଓଡ଼ିଶା ଆଜି ଦୁର୍ନୀତିଗ୍ରସ୍ତ ରାଜ୍ୟ ଭାବେ ଦେଶରେ ପରିଚୟ ପାଉଛି ବୋଲି ଭାଜପା ନେତୃବୃନ୍ଦ ଅଭିଯୋଗ ଆଣି ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି।

# ବିକଶିତ ଭାରତ ସଂକଳ୍ପ ଯାତ୍ରା, ଶପଥ ଗ୍ରହଣ ଉତ୍ସବ

**ନିମାପଡ଼ା,୧୧।୧୨ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)**



ନିମାପଡ଼ା ଏନ୍ଏସି ଅଧୀନ ଥାନା ପଡ଼ିଆଠାରେ ବିକଶିତ ଭାରତ ସଂକଳ୍ପ ସମାରୋହ ସୋମବାର ଅନୁଷ୍ଠିତ ହୋଇ ଏନ୍ଏସିର ବିଭିନ୍ନ ୱାର୍ଡରେ ସଂକଳ୍ପ ରଥ ପରିକ୍ରମା କରିଥିଲା। ଏହି ଅବସରରେ ଏକ ସାମୂହିକ ଶପଥ ପାଠୋତ୍ସବ ଆୟୋଜିତ ହୋଇଥିଲା। ଅତିଥିମାନଙ୍କ ଗହଣରେ ଶହ ଶହ ଅଙ୍ଗନୱାଡି, ଆଶାକର୍ମୀ, ବିଭିନ୍ନ ସ୍କୁଲ କଲେଜର ଛାତ୍ରୀଛାତ୍ର, ଏନ୍ସିସି କ୍ୟାଡେଟ୍ମାନେ ଯୋଗଦେଇ ଶପଥ ପାଠ କରିଥିଲେ। ଆୟୋଜିତ ସମାରୋହରେ ଅତିଥି ଭାବେ ଏନ୍ଏସି ଉପାଧ୍ୟକ୍ଷ ସନ୍ତୋଷ ଦାଶ, କାର୍ଯ୍ୟ ନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ, କାଉନସିଲର ନିରଞ୍ଜନ ନାୟକ, ଭାଜପା ନେତା ଶ୍ୟାମ ସୁନ୍ଦର ନାୟକ, ନେତ୍ରୀ ମୀନଲତା ମହାନ୍ତି, ସିଡିପିଓ ତନୁପ୍ରଭା ବେଉରା, ଡାକ ବିଭାଗର ଇନିସପେକ୍ଟର ଶୁଭାଶିଷ ଆଚାର୍ଯ୍ୟ, ପୋଷ୍ଟମାଷ୍ଟର ପରମେଶ୍ୱର ଲେଙ୍କାଙ୍କ ସମେତ ବହୁ ପଦସ୍ଥ ଅଧିକାରୀ, ଏନ୍ଏସିର ବହୁ କାଉନସିଲର ଯୋଗଦେଇ ରଥ ପରିକ୍ରମାର ଲକ୍ଷ୍ୟ, ଉଦ୍ଦେଶ୍ୟ, ତାତ୍ପର୍ଯ୍ୟ ଦିଗରେ ଗୁରୁତ୍ୱାରୋପ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ବିକାଶମୁଖୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିବା, ରାଜ୍ୟର ପ୍ରତ୍ୟକ ଗାଁଗଣ୍ଡା, ସହରାଞ୍ଚଳର ଲୋକମାନଙ୍କ ପାଖରେ କେନ୍ଦ୍ର ସରକାରଙ୍କ ବାର୍ତ୍ତା ପହଞ୍ଚାଇବା ଏହି ସଂକଳ୍ପ ଯାତ୍ରା ଓ ରଥ ପରିକ୍ରମାର ମୁଖ୍ୟ ଲକ୍ଷ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.57/ET/SBP/ENGG/2023-24, ତା.04.12.2023ରିଖ
ଇ-ଟେଣ୍ଡର ସଂ.41-eT-SDENC-SBP-23
କାର୍ଯ୍ୟର ନାମ : 24 ମାସ ସମୟ ଅବଧି ନିମନ୍ତେ ସମ୍ବଲପୁରରେ ସେକ୍ଟର-A ଠାରେ ଅଧସ୍ତନ ବିଶ୍ରାମ ଗୃହ, ଷ୍ଟେସନ ବିଲ୍ଡିଙ୍ଗ୍ ଠାରେ ଅଧିକାରୀ ବିଶ୍ରାମ ଗୃହ ଏବଂ ରେଳନଗର ଠାରେ ଅଧିକାରୀ ବିଶ୍ରାମ ଗୃହର ଦେଖାଶୁଣା ଓ ରକ୍ଷଣାବେକ୍ଷଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 81,67,330.56, ବିଡ୍ ସିକ୍ୟୁରିଟି (ଟଙ୍କାରେ): 1,63,400/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.29.12.2023 ରିଖ 1500 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଙ୍ଗ), ସମ୍ବଲପୁର
PR-871/O/23-24

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.ST-OT-AMRIT-BHARAT-06-360, ତା.05.12.2023ରିଖ
କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ମଞ୍ଚେଶ୍ୱର (MCS), ଢ଼େଙ୍କାନାଳ (DNKL), ତାଳଚେର (TLHR) ଏବଂ ଅନୁଗୁଳ (ANGL) ଷ୍ଟେସନଗୁଡ଼ିକ ଠାରେ ଅମୃତ ଭାରତ ଷ୍ଟେସନ ସ୍କିମ୍ (ABSS) ସମ୍ବନ୍ଧୀୟ ବିଭିନ୍ନ ଦୂରସଂଚାର ଯାତ୍ରୀ ସୁବିଧାସୁଯୋଗ (CIB ଏବଂ TIB)ର ବ୍ୟବସ୍ଥା।
ଟେଣ୍ଡର ମୂଲ୍ୟ(ଟଙ୍କାରେ): 5,06,05,127.86, EMD (ଟଙ୍କାରେ) : 4,03,000/-
ବିଡ୍ ଆରମ୍ଭ ହେବା ତାରିଖ: ତା.13.12.2023ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.27.12.2023 ରିଖ 1100 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ଼
PR-868/O/23-24

**कार्यपालक अभियंता का कार्यालय, ग्रामीण विकास विशेष प्रमंडल, जमशेदपुर**
**Email ID- rdsdjamshedpur@gmail.com**
:–शुद्धि पत्रः–
इस कार्यालय का ई0–निविदा आमंत्रण सूचना संख्या E-RDSD/JSR/16/2023-24 जिसका (PR No :– 311668 (Rural Development) 23-24)_ D में निम्न प्रकार से आंशिक संशोधन किया जाता है :–
1. वेबसाइट में निविदा प्रकाशन की तिथि – 12.12.2023
2. ई–निविदा प्राप्ति की तिथि एवं समय – दिनांक 12.12.2023 से दिनांक 20.12.2023 को अपराह्न 05:00 बजे तक।
3. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमंडल, जमशेदपुर।
4. ई–निविदा खोलने की तिथि एवं समय – 21.12.2023 अपराह्न 02:00 बजे।
5. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, जमशेदपुर।
6. ई–निविदा प्रकोष्ठ का दूरभाष सं0 – 7903003903
7. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
8. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
9. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।
शेष अन्य सभी शर्तें यथावत् रहेगा।
कार्यपालक अभियंता, ग्रामीण विकास विशेष प्रमंडल, जमशेदपुर
PR313163 (Rural Development)23-24*D

**ODISHA COAL AND POWER LTD.**
Odisha Coal and Power Limited (OCPL)
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha, Ph No: 0674-2300654 / 0674-2300664

**TENDER NOTICE**
NIT No.: OCPL/SITE-98/2023 Date: 12.12.2023
Sealed bids in prescribed format are invited from reputed Companies/Firms/Agencies for execution of the following work:

| Sl. No. | Name of the Work | Cost of Tender Paper | Last Date of Sale/ Download of Tender Document | Date of Submission/ Opening |
|---|---|---|---|---|
| 1 | Construction of Boundary Wall at Kutabaga UP School, Hemgir, Sundargarh, Odisha | Rs.5,900/- (Rupees five thousand nine hundred only) including GST @ 18% | 10.01.2024 | 03.00 P.M./ 03.30 P.M. on 17.01.2024 |

Any further clarifications may please be addressed to the undersigned at the above address or by email to: sudhakar.sinha@ocpl.org.in.
Sd./- Sr. Manager (Commercial & Contracts)

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୧।୧୨।୨୦୨୩

| | |
|---|---|
| ୩,୩୨, ୯୩୮ ଟଙ୍କା | |
| ସୁନା | ୨୦.୭୫୦ ଗ୍ରାମ୍ |
| ରୁପା | ୨୭.୩୦୦ ଗ୍ରାମ୍ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଇଣ୍ଡିଆ ଫାଇଟୋ ପାଥୋଲୋଜି ସୋସାଇଟି ଇଷ୍ଟ ଜୋନ୍ର ନ୍ୟାଶନାଲ କନଫରେନ୍ସ, ଓୟୁଏଟି, ପୂର୍ବାହ୍ନ ୧୦ଟା।
- ସୈନିକ ସ୍କୁଲ ନିକଟ ଡମ୍ପିଂ ୟାର୍ଡ ହଟାଇବା, ଗାଡ଼କଣ ଶବର ସାହିର ଶ୍ମଶାନ ଓ ଖେଳ ପଡ଼ିଆର ସୁରକ୍ଷା ଦାବିରେ ସିପିଆଇ ପକ୍ଷରୁ ଶୋଭାଯାତ୍ରା, ରେଳଲାଇନ ଛକ, ପୂର୍ବାହ୍ନ ୧୦ଟା ୩୦।
- ପର୍ଯ୍ୟଟନ ପରିଚାଳନା କର୍ମଶାଳା, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ଅପରାହ୍ନ ୨ଟା ୩୦।
- ନେତାଜୀ ସୁଭାସ ଚନ୍ଦ୍ର ବ୍ରେଭେରି ଆୱାର୍ଡ, କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ଅପରାହ୍ନ ୪ଟା।
- ସମୃଦ୍ଧ ଅତୀତ ଓ ବିଦଗ୍ଧ ବର୍ତ୍ତମାନର ମହାମିଳନ ପ୍ରତ୍ୟାବର୍ତ୍ତନ ୨୦୨୩ର ଭାରତ ମାଳା, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା।

କଟକ
- ସ୍ୱଦେଶୀ ଜାଗରଣ ମଞ୍ଚର ସ୍ୱଦେଶୀ ଦିବସ ପାଳନ, ମ୍ୟୁନିସିପାଲିଟି ଟାଉନହଲ୍, ସନ୍ଧ୍ୟା ୬ଟା।

ବଡ଼ମ୍ବା
- ମୋହନ ସୁବୁଦ୍ଧି ମହାବିଦ୍ୟାଳୟ, ବଡ଼ମ୍ବା ଆନୁକୂଲ୍ୟରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ, ବଡ଼ମ୍ବା ଗୁଣ୍ଡିଚାବାଡି ସାହି ଛକ, ପୂର୍ବାହ୍ନ ୧୧ଟା।

# ଜେଲରେ ମାନସିକ ରୋଗୀ କଏଦୀଙ୍କ ସଂଖ୍ୟା ବଢୁଛି

ଭୁବନେଶ୍ୱର,୧୦।୧୨
(ସତ୍ୟଜିତ୍ ରାଉତ)



## ଏନ୍‌ସିଆର୍‌ବି ରିପୋର୍ଟ ୨୦୨୨

### ଜେଲ ଡାକ୍ତରଖାନାରେ ମିଳୁନି ଉପଯୁକ୍ତ ସ୍ୱାସ୍ଥ୍ୟସେବା

ଜେଲ ସଂସ୍କାରର ଅଂଶସ୍ୱରୂପ କଏଦୀଙ୍କ ସୁବିଧା ଲାଗି ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ମାନସିକ ରୋଗୀ କଏଦୀଙ୍କ ଚିକିତ୍ସା ପାଇଁ ବିଶେଷଜ୍ଞଙ୍କୁ ନିଯୁକ୍ତି ଦିଆଯାଉଛି। ଏଭଳିସ୍ଥିତିରେ ଓଡ଼ିଶାର ଜେଲଗୁଡ଼ିକରେ ମାନସିକ ରୋଗୀ କଏଦୀଙ୍କ ସଂଖ୍ୟା ୨୦୨୧ ତୁଳନାରେ ୨୦୨୨ରେ ୧୭.୩୧% ବଢ଼ିଥିବା ସଦ୍ୟ ପ୍ରକାଶିତ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟରୁ ଜଣାପଡିଛି। ଏଥିରୁ ରାଜ୍ୟର ଜେଲ୍‌ଗୁଡ଼ିକରେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳୁ ନ ଥିବା ଆଶଙ୍କା କରାଯାଉଛି।

୨୦୨୨ର ଏନ୍‌ସିଆର୍‌ବି ରିପୋର୍ଟ ଅନୁଯାୟୀ, ଓଡ଼ିଶାର ଜେଲଗୁଡ଼ିକରେ ୮୨୦ ମାନସିକ ରୋଗୀ କଏଦୀ ରହିଛନ୍ତି। ଏ କ୍ଷେତ୍ରରେ ଓଡ଼ିଶା ତୃତୀୟ ସ୍ଥାନରେ ରହିଛି। ଉତ୍ତରପ୍ରଦେଶରେ ସର୍ବାଧିକ ୨୧୧୩ଜଣ କଏଦୀ ମାନସିକ ରୋଗୀ ହୋଇଥିବାବେଳେ ଦ୍ୱିତୀୟରେ କେରଳ (୮୫୪), ଚତୁର୍ଥରେ ଦିଲ୍ଲୀ (୬୩୭), ପଞ୍ଚମରେ କର୍ଣାଟକ (୬୨୨) ଏବଂ ଷଷ୍ଠରେ ପଶ୍ଚିମବଙ୍ଗ (୪୫୧) ରହିଛି। ତେବେ ଓଡ଼ିଶାରେ ଥିବା ୮୨୦ ମାନସିକ ରୋଗୀ କଏଦୀଙ୍କ ମଧ୍ୟରେ ୨୮୨ ଜଣ ଦୋଷୀ ସାବ୍ୟସ୍ତ କଏଦୀ ଥିବାବେଳେ ୫୩୮ଜଣ ବିଚାରାଧୀନ କଏଦୀ ରହିଛନ୍ତି। ତେବେ ୨୦୨୧ ଏନ୍‌ସିଆର୍‌ବି ରିପୋର୍ଟରେ ମଧ୍ୟ ଓଡ଼ିଶା ୬୯୯ ମାନସିକ ରୋଗୀ କଏଦୀଙ୍କ ସହ ତୃତୀୟରେ ରହିଥିଲା। ଏମାନଙ୍କ ମଧ୍ୟରୁ ୨୭୯ ଦୋଷୀ ସାବ୍ୟସ୍ତ କଏଦୀ ଥିବାବେଳେ ୪୨୦ ଜଣ ବିଚାରାଧୀନ କଏଦୀ ରହିଥିଲେ।

ଅନ୍ୟପକ୍ଷରେ ୨୦୨୨ ରିପୋର୍ଟ ଅନୁଯାୟୀ, ଓଡ଼ିଶାର ଜେଲଗୁଡ଼ିକରୁ ୮୨୨ ଜଣ କଏଦୀ ବାହାର ମେଡିକାଲଗୁଡ଼ିକୁ ବିଭିନ୍ନ ଚିକିତ୍ସା ପାଇଁ ଯାଇଛନ୍ତି। ସେହିପରି ବିଭିନ୍ନ ଏନ୍‌ଜିଓ କର୍ମଚାରୀଙ୍କ ଦ୍ୱାରା ୮୦୨ ଜଣ କଏଦୀଙ୍କୁ ଜେଲ ଭିତରେ ସ୍ୱାସ୍ଥ୍ୟଗତ ସେବା ଯୋଗାଇ ଦିଆଯାଉଛି। ତେବେ ସବୁଠାରୁ ଉଦ୍‌ବେଗଜନକ କଥା ହେଲା, ଓଡ଼ିଶାର ଜେଲ ଡାକ୍ତରଖାନାଗୁଡ଼ିକରେ ବହୁ ପଦବୀ ଖାଲି ପଡିଛି। ମୋଟ ୧୯୦ ପଦବୀ ମଧ୍ୟରୁ ମାତ୍ର ୯୩ ପୂରଣ ହୋଇଥିବା ଏନ୍‌ସିଆର୍‌ବି ରିପୋର୍ଟରେ କୁହାଯାଇଛି। ମେଡିକାଲ ଅଫିସର ୯୪ ପଦବୀରେ ଅଛନ୍ତି ମାତ୍ର ୩୫ ଜଣ। ୯୦ ଫାର୍ମାସିଷ୍ଟ ପଦବୀ ଥିବାବେଳେ ମାତ୍ର ୫୭ ଜଣ ରହିଛନ୍ତି। ସେହିଭଳି ଅନ୍ୟ କର୍ମଚାରୀ ପାଇଁ ୬ ପଦବୀ ଥିବାବେଳେ ଜଣେ ରହିଥିବା ରିପୋର୍ଟରେ କୁହାଯାଇଛି।

ଉଲ୍ଲେଖଯୋଗ୍ୟ, ଓଡ଼ିଶାରେ ମୋଟ ୯୩ଟି ଜେଲ ରହିଛି। କଏଦୀଙ୍କ ମାନସିକ ରୋଗ ଚିକିତ୍ସା ପାଇଁ ରାଜ୍ୟ ଜେଲ ନିର୍ଦ୍ଦେଶାଳୟ ପକ୍ଷରୁ ୩୩ଜଣ ବିଶେଷଜ୍ଞଙ୍କୁ ନିଯୁକ୍ତି ଦିଆଯାଇଥିବା ଗତ ଏପ୍ରିଲରେ ପୂର୍ବତନ ଜେଲ ଡିଜି ମନୋଜ ଛାବ୍ରା ସୂଚନା ଦେଇଥିଲେ। ଏହି ବିଶେଷଜ୍ଞଙ୍କ ମଧ୍ୟରୁ ୧୬ କ୍ଲିନିକାଲ ସାଇକୋଲୋଜିଷ୍ଟ ଏବଂ ୧୭ଜଣ ମାନସିକ ସାମାଜିକ କର୍ମୀ ରହିଛନ୍ତି।



ପବିତ୍ର ଦେବଦୀପାବଳି ଅବସରରେ ସୋମବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ଦୀପ ଆଲୋକରେ ଝଲସୁଛି। (ଫଟୋ–ଯଜ୍ଞେଶ୍ୱର ମହାନ୍ତି)

## ୩୧ ସୁଦ୍ଧା ପହଞ୍ଚିବ ଯୁକ୍ତ୨ ପ୍ରାକ୍ଟିକାଲ ପ୍ରଶ୍ନପତ୍ର

ଭୁବନେଶ୍ୱର, ୧୧।୧୨(ଅସମାପିକା ସାହୁ): ଯୁକ୍ତ୨ ପ୍ରାକ୍ଟିକାଲ ପରୀକ୍ଷା ଜାନୁୟାରୀ ୨ରୁ ଆରମ୍ଭ ହୋଇ ୧୨ ତାରିଖରେ ଶେଷ ହେବ। ଏଥିପାଇଁ ପ୍ରଶ୍ନପତ୍ର, ଉତ୍ତର ଖାତା ସହିତ ପରୀକ୍ଷା ସମ୍ବନ୍ଧୀୟ ଫର୍ମ ଚଳିତ ମାସ ଶେଷ ସୁଦ୍ଧା ଉଚ୍ଚ ମାଧ୍ୟମିକ ସ୍କୁଲରେ ପହଞ୍ଚିବ। ସ୍କୁଲ ଅଧ୍ୟକ୍ଷ ଏହାକୁ ଗ୍ରହଣ କରିବା ପରେ ଷ୍ଟ୍ରଙ୍ଗରୁମ୍‌ରେ ରଖାଯିବ। ତେବେ ଏସବୁ ଗ୍ରହଣ କରିବା ସମୟରେ କୌଣସି ଅସଙ୍ଗତି ଥିଲେ ପରୀକ୍ଷା ନିୟନ୍ତ୍ରକଙ୍କୁ ତୁରନ୍ତ ଜଣାଇବେ। ଆସନ୍ତା ୨୬ ତାରିଖରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ପକ୍ଷରୁ ପ୍ରଶ୍ନପତ୍ର ପଠାଯିବ ଏବଂ ୩୧ ତାରିଖ ମଧ୍ୟରେ ସବୁ ଉଚ୍ଚ ମାଧ୍ୟମିକ ସ୍କୁଲରେ ପହଞ୍ଚିବ। ଏ ନେଇ ସୋମବାର ପରିଷଦ ପକ୍ଷରୁ ସମସ୍ତ ପରୀକ୍ଷା କେନ୍ଦ୍ର ହୋଇଥିବା ଉଚ୍ଚ ମାଧ୍ୟମିକ ସ୍କୁଲର ଅଧ୍ୟକ୍ଷ ଏବଂ କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଚିଠି ଲେଖି ଅବଗତ କରାଯାଇଛି। କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବାକୁ ପରିଷଦ ପକ୍ଷରୁ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି।

## ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଏସିଡ୍ ମାଡ଼: ବାପପୁଅ ଗୁରୁତର

କୃଷ୍ଣପ୍ରସାଦ,୧୧।୧୨
(କୈଳାସ ଚନ୍ଦ୍ର ପଟ୍ଟନାୟକ)



ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଗୋମୁଣ୍ଡିଆ ପଞ୍ଚାୟତ ଅନ୍ତର୍ଗତ ଉଆସପଦର ଗ୍ରାମରେ ସୋମବାର ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଏସିଡ୍ ମାଡ଼ ହୋଇଛି। ଏଥିରେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଗ୍ରାମର ଅଧିକାରୀ ତରେଇ ଏବଂ ତାଙ୍କ ପୁଅ ରାଜେନ୍ଦ୍ର ତରେଇ। ଚିକିତ୍ସା ଲାଗି ଏମାନଙ୍କୁ ଭୁବନେଶ୍ୱର ଏମ୍‌ସ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଜମିବାଡ଼ିକୁ କେନ୍ଦ୍ରକରି ଗ୍ରାମର ଅଧିକାରୀ ଏବଂ ସନ୍ତୋଷ ମହାରଣାଙ୍କ ପରିବାର ମଧ୍ୟରେ ବହୁବର୍ଷ ଧରି ବିବାଦ ଲାଗିରହିଥିଲା। ସୋମବାର ଅଧିକାରୀ ନିଜ ଜମିରେ କାମ କରୁଥିବା ବେଳେ ସେଠାରେ ସନ୍ତୋଷ ପହଞ୍ଚି ହଠାତ୍ ଏସିଡ୍ ଫିଙ୍ଗିଥିଲେ। ଅଧିକାରୀଙ୍କ ଚିତ୍କାର ଶୁଣି ନିକଟରେ ଥିବା ତାଙ୍କ ପୁଅ ରାଜେନ୍ଦ୍ର ପହଞ୍ଚିବାରୁ ସନ୍ତୋଷ ତାଙ୍କ ଉପରକୁ ମଧ୍ୟ ଏସିଡ୍ ଫିଙ୍ଗିଥିଲେ। ଫଳରେ ବାପପୁଅ ଗୁରୁତର ଆହତ ହୋଇଥିଲେ। ପରେ ସ୍ଥାନୀୟ ଲୋକେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଏମ୍‌ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଅଧିକାରୀଙ୍କ ସମ୍ପର୍କୀୟ ଭାଇ ଗଦାଧରଙ୍କ ଅଭିଯୋଗ ପରେ କୃଷ୍ଣପ୍ରସାଦ ଥାନା ପୋଲିସ ତଦନ୍ତ କରି ସନ୍ତୋଷଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ବସନ୍ତ କୁମାର ସାହୁ କହିଛନ୍ତି।

## ବ୍ରାଉନସୁଗାର ଜବତ, ୨ ଯୁବକ ଗିରଫ

ଭୁବନେଶ୍ୱର,୧୧।୧୨(ସୂର୍ଯ୍ୟକାନ୍ତ ବେହେରା)

ବେଆଇନ ଭାବେ ବ୍ରାଉନସୁଗାର ବେପାର କରୁଥିବାବେଳେ ମୈତ୍ରୀ ବିହାର ଥାନା ପୋଲିସ ୨ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜଙ୍କିଆ ଥାନା ଅଞ୍ଚଳର ଜାନକୀ ବଲ୍ଲବ ଭାରିମଲ୍ଲ ଓ ପ୍ରଶାନ୍ତ କୁମାର ନାୟକ। ଉଭୟଙ୍କଠାରୁ ୬.୫୦ ଗ୍ରାମ ବ୍ରାଉନସୁଗାର, ନିଶା କାରବାରରେ ବ୍ୟବହୃତ ବାଇକ୍ ଓ ୨ଟି ମୋବାଇଲ ଜବତ ହୋଇଛି। ସାଲିଆ ସାହିସ୍ଥିତ ଏକ ସ୍କୁଲ୍ ନିକଟରେ ବ୍ରାଉନସୁଗାର ବେପାର କରୁଥିବା ବେଳେ ପୋଲିସ ଚଢାଉ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଗଣେଶ୍ୱର



@ ପାର୍ଥସାରଥି



@ ହିମାଂଶୁ



@ ଅନନ୍ତ



@ ଶ୍ରୀତମ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ୧୬ରୁ ରାତି ୨ରୁ ଖୋଲିବ ଶ୍ରୀମନ୍ଦିର

### ପହିଲି ଭୋଗ ନୀତି ନେଇ ଛତିଶା ନିଯୋଗ ବୈଠକ

ପୁରୀ, ୧୧।୧୨(ଅଜିତ୍ ମହାନ୍ତି)

- ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଅବସରରେ ହେବ ଲେଜର ଶୋ'
- ଶେଡ୍, ବିଶ୍ରାମାଗାର କରାଯିବ, ସହରକୁ ଆଲୋକରେ ସଜାଯିବ

ଆସନ୍ତା ୧୬ ତାରିଖଠାରୁ ଶ୍ରୀମନ୍ଦିରରେ ପହିଲି ଭୋଗ ନୀତି ଆରମ୍ଭ ହେବାକୁ ଯାଉଛି। ନୀତି ଶୃଙ୍ଖଳିତ କରିବା ସହ ବିଭିନ୍ନ ପ୍ରସଙ୍ଗ ନେଇ ସୋମବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାପ୍ରଭୁଙ୍କ ପହିଲି ଭୋଗ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି।

ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦାସ କହିଛନ୍ତି, ଡିସେମ୍ବର ୧୬ରୁ ଜାନୁୟାରୀ ୧୪ ତାରିଖ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ପହିଲି ଭୋଗ ନୀତି ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ଦିନ ରାତ୍ର ୨ଟାରୁ ଦ୍ୱାରଫିଟା ନୀତି ସହ ଅନ୍ୟାନ୍ୟ ନୀତି ଶୃଙ୍ଖଳିତ ଭାବେ କରାଯିବା ନେଇ ବୈଠକରେ ଆଲୋଚନା ହୋଇଛି। ସେହିପରି ଡିସେମ୍ବର ୩୧ ରବିବାର ପଡୁଥିବାରୁ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇପାରେ। ତେଣୁ ସେହିଦିନ ରାତ୍ରପହୁଡ଼ କରାଯିବ କି ନାହିଁ ସେହି ସମୟରେ ନୀତିକାନ୍ତିକୁ ଦେଖି ନିଷ୍ପତ୍ତି ନିଆଯିବ। ଯଦି ପହୁଡ଼ କରାଯାଏ, ତାହାହେଲେ ରାତି ୧୦ଟା ଭିତରେ କରାଯିବ। ନଚେତ ପ୍ରତୀକାତ୍ମକ ଭାବେ ପହୁଡ଼ ନୀତି କରାଯିବ। ସେହିପରି ଜାନୁୟାରୀ ୧ରେ ମହାପ୍ରଭୁଙ୍କ ଦିନ ପହୁଡ଼ ହେବ କି ନାହିଁ ସେହି ସମୟରେ ନିଷ୍ପତ୍ତି ନିଆଯିବ। ନୀତିକୁ ଦେଖି ଅନ୍ୟ ଦିନରେ ଦିବା ପହୁଡ଼ କରାଯିବ। ସେହିପରି ଜାନୁୟାରୀ ୧୫ରେ ମକର ସଂକ୍ରାନ୍ତି ପଡୁଛି। ଉକ୍ତ ସମୟରେ ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଚାଲିଥିବ। ଏହି ସମୟରେ ଭକ୍ତଙ୍କ ସଂଖ୍ୟା ଅଧିକ ରହିବ ବୋଲି ଅନୁମାନ କରାଯାଉଛି। ତେଣୁ ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ସେହିପରି ୨୫ତାରିଖରେ ଦେବାଭିଷେକ ନୀତି ନିର୍ଘଣ୍ଟ ସ୍ଥିର ସହ ଉକ୍ତ ଦିନ ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ ନେଇ ସେବାୟତଙ୍କ ସହଯୋଗ ଲୋଡ଼ାଯାଇଛି। ସମସ୍ତ ନିଯୋଗକୁ ସେମାନଙ୍କ କର୍ମକର୍ତ୍ତାଙ୍କ ନାମ ଦେବାକୁ କୁହାଯାଇଛି। ନିମନ୍ତ୍ରଣ କରିବାକୁ ଯିବାକୁ ଥିବା ଟିମ୍‌ରେ ଅଧିକାରୀମାନଙ୍କ ସହ ସେବାୟତ ରହିବେ। ଏଥିପାଇଁ ବ୍ୟାପକ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି। ଶ୍ରୀଜଗନ୍ନାଥ ବଲ୍ଲଭ ପାର୍କିଂଠାରେ ଏକ ପ୍ରଦର୍ଶନୀ କରାଯିବ। ସେଥିରେ ମନ୍ଦିର, ମହାପ୍ରଭୁଙ୍କ ବେଶ, ଲୀଳା, ରୂପରେଖ ଆଦି ପ୍ରଦର୍ଶନ କରାଯିବ। ସେହିପରି ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସ ଠାରେ ଏକ ଲେଜର ଶୋ' କରାଯିବ। କାଞ୍ଚି ଅଭିଯାନ ଉପରେ ମଧ୍ୟ ଲେଜର ଶୋ' ହେବ। ପୁରୀ ସହର ଓ ସମସ୍ତ ମନ୍ଦିରକୁ ଆଲୋକୀକରଣ କରାଯିବ। ଘର, ସହର ସଫା ରଖିବା ସହ ଘରଦୁଆର ମୁହଁରେ ଦୀପ ଜାଳି ସମସ୍ତଙ୍କୁ ସ୍ୱାଗତ କରିବା ପାଇଁ ପୁରୀବାସୀଙ୍କୁ ଅନୁରୋଧ କରାଯାଇଛି। ମରିଚିକୋଟ ଛକଠାରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଏସି ଶେଡ୍ ବା ଟନେଲ ଦେଇ ଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଆସିବେ। ଟନେଲରେ ବିଶୁଦ୍ଧ ପାନୀୟଜଳ, ବସିବା ପାଇଁ ଚେୟାର ଆଦି ବ୍ୟବସ୍ଥା ରହିବ। ଶ୍ରୀମନ୍ଦିର କାର୍ଯ୍ୟାଳୟ ପାର୍କିଂ ଅଞ୍ଚଳ ସହ ଶ୍ରୀକୃଷ୍ଣ ସିନେମା ହଲ୍ ଉଚ୍ଛେଦ ସ୍ଥାନରେ ପ୍ରାୟ ୨୫୦୦ ଭକ୍ତ ବସିବା ପାଇଁ ଶେଡ୍ ନିର୍ମାଣ ହେବ। ଏଥିସହିତ ଶ୍ରୀମନ୍ଦିର ପାର୍କିଂସ୍ଥଳକୁ ଚଉଡ଼ା କରାଯାଇ ଦୁଇହଜାର ଭକ୍ତଙ୍କ ଲାଗି ବିଶ୍ରାମାଗାର କରାଯିବ। ଶ୍ରୀକୃଷ୍ଣ ସିନେମା ହଲ ଗଳିରେ ଭକ୍ତମାନେ ଜୋତା, ମୋବାଇଲ ଏବଂ ଆସବାବପତ୍ର ରଖିବା ପାଇଁ ଷ୍ଟାଣ୍ଡ ନିର୍ମାଣ କରାଯିବ। ଜାନୁୟାରୀ ୧ରୁ ଶ୍ରୀମନ୍ଦିରରେ ଡ୍ରେସକୋଡ୍ ଲାଗୁ ସହ ପାନ, ଗୁଟ୍‌ଖା ସେବନ ଉପରେ କଟକଣା ଜାରି ହେବ। ଖୁବ୍‌ଶୀଘ୍ର ଦିବ୍ୟାଙ୍ଗ ଭକ୍ତମାନେ ଉତ୍ତରଦ୍ୱାର ପଟେ ସ୍ୱତନ୍ତ୍ର ହୁଇଲ ଚେୟାରରେ ଶୃଙ୍ଖଳିତ ଦର୍ଶନ କରିବା ପାଇଁ ନିଷ୍ପତ୍ତି ହୋଇଛି ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।



ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଏବଂ ଅନ୍ୟମାନେ।

## ଲାଞ୍ଚ ନେଇ ବିଡିଏ ଅମିନ ଗିରଫ

ଭୁବନେଶ୍ୱର,୧୧।୧୨
(ସତ୍ୟଜିତ୍ ରାଉତ)

### ଭୁବନେଶ୍ୱର, ପଟ୍ଟାମୁଣ୍ଡାଇସ୍ଥିତ ଘରେ ଭିଜିଲାନ୍ସ ଚଢ଼ାଉ



ସର୍ବେଶ୍ୱର ମହାନ୍ତି

୨୦ ହଜାର ଟଙ୍କା ଲାଞ୍ଚ ନେଇ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ରେ କାର୍ଯ୍ୟରତ ଜଣେ ଅମିନ ସୋମବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସେ ହେଲେ ସର୍ବେଶ୍ୱର ମହାନ୍ତି। ତାଙ୍କଠାରୁ ଭିଜିଲାନ୍ସ ଅଧିକାରୀମାନେ ସମସ୍ତ ଲାଞ୍ଚ ଟଙ୍କା ଜବତ କରିଛନ୍ତି। ଏ ସଂକ୍ରାନ୍ତରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୩୪/୨୦୨୩) ରୁଜୁ କରାଯାଇ ସର୍ବେଶ୍ୱରଙ୍କୁ ଗିରଫ କରାଯିବା ପରେ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ସର୍ବେଶ୍ୱରଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଦିଗରେ ଭିଜିଲାନ୍ସ ଖୋଳତାଡ଼ ଆରମ୍ଭ କରିଛି। ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ବାସଭବନ ଓ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇର ଅଡ଼ାକୋଟିସ୍ଥିତ ପୈତୃକ ଘରେ ଚଢ଼ାଉ କରାଯାଉଥିବା ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, ୧୯୮୯ ମସିହାରୁ ଢ଼େଙ୍କାନାଳ ଜିଲାର ମାୟାଧର ନାୟକ ନିଜ ସ୍ତ୍ରୀଙ୍କ ନାମରେ ବଡ଼ଗଡ଼ ବ୍ରିଟ୍ କଲୋନୀରେ ହାଉସିଂ ପ୍ରୋଜେକ୍ଟ ଜରିଆରେ ଏକ ପ୍ଲଟ୍‌କୁ ୯୯ ବର୍ଷ ହେବ ଲିଜ୍‌ରେ ନେଇଛନ୍ତି। ତେବେ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଉକ୍ତ ପ୍ଲଟ୍‌କୁ ବିକ୍ରି କରିବାକୁ ମାୟାଧର ବିଡିଏଠୁ ଅନୁମତି ଲୋଡ଼ିଥିଲେ। ଅମିନ ସର୍ବେଶ୍ୱର ଏ ସଂକ୍ରାନ୍ତରେ ଏକ ସୁହାଇଲା ଭଳି ରିପୋର୍ଟ ଦେବାକୁ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଲାଞ୍ଚ ଟଙ୍କା ନ ଦେଲେ ଉକ୍ତ ରିପୋର୍ଟ ଦେବେନାହିଁ ବୋଲି ସର୍ବେଶ୍ୱର କହିଥିଲେ। ଏ ସଂକ୍ରାନ୍ତରେ ମାୟାଧର ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ଅନୁଯାୟୀ ବିଡିଏ ଅଫିସ ପଛପାର୍ଶ୍ୱରେ ମାୟାଧରଙ୍କଠାରୁ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ଟିମ୍ ସର୍ବେଶ୍ୱରଙ୍କୁ କାବୁ କରିଥିଲା।

